

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୨୫ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 25 JULY 2023
Vol.No. 35 ■ No. 196 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ମଣିପୁରକୁ ନେଇ ବିରୋଧୀ-ସରକାର ମୁହାଁମୁହିଁ: ଚାଲିପାରୁନି ସଂସଦ




ନୂଆଦିଲ୍ଲୀ,୨୪/୦୭ : ମଣିପୁର ହିଂସାକୁ ନେଇ ବିରୋଧୀ ଓ ସରକାରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଛି । ୨୦ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ମଣିପୁର ତାତି ଯୋଗୁ ଗୃହରେ ଅଚଳାବସ୍ଥା ଲାଗି ରହିଛି । ବିରୋଧୀ ଦଳଗୁଡ଼ିକ ମଣିପୁର ହିଂସା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିବୃତି ଦାବି କରିଛନ୍ତି । ପ୍ରଧାନମନ୍ତ୍ରୀ ଗୃହ ବାହାରେ କହୁଥିବା ବେଳେ ଭିତରେ କିଛି ବି କହୁନାହାନ୍ତି । ଏହା ସଂସଦର ଅପମାନ ବୋଲି ବିରୋଧୀ କହିଛନ୍ତି । ତେବେ କ୍ଷମତାସୀନ ବିରୋଧୀ ସଂସଦରେ ଜାରି ରହିଥିବା ଅଚଳାବସ୍ଥା ପାଇଁ ବିରୋଧୀଙ୍କୁ ଦାୟୀ କରିଛି । ବିରୋଧୀ ଜାଣିଶୁଣି ଗୃହରେ ବିଶୃଙ୍ଖଳା ସୃଷ୍ଟି କରି ଏହାକୁ ଚାଲିବାକୁ ଦେଉ ନଥିବା ବିଜେପି କହିଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ବିଜେପି ଅଧକ୍ଷ ଜେପି ନଡ୍ଡା ଆଜି ସଂସଦରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିଛନ୍ତି । ସଂସଦରେ ଲାଗି ରହିଥିବା ଅଚଳାବସ୍ଥା ଓ ସାଂଗଠନିକ ସ୍ଥିତି ସମ୍ପର୍କରେ ଉଭୟ ମୋଦିଙ୍କ ସହ ଆଲୋଚନା କରିଥିବା କୁହାଯାଉଛି । ମଣିପୁରରେ ଦୁଇ ଜଣ ମହିଳାଙ୍କୁ ଶତାଧିକ ଲୋକ ଉଲଗ୍ନ କରି ଚଲାଇ ଚଲାଇ ନେବା ବେଳର ଭିଡିଓ ସାମ୍ନାକୁ ଆସିବା ପରେ ବିରୋଧୀ ସରକାରଙ୍କୁ ଘେରିଛନ୍ତି । ମଣିପୁରରେ ୮୦ରୁ ଅଧିକ ଦିନ ହେବ ହିଂସା ଲାଗି ରହିଥିବା ବେଳେ ସରକାର ଏହାକୁ ରୋକିବାରେ ବିଫଳ ହୋଇଥିବା ବିରୋଧୀ ଅଭିଯୋଗ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ବିବୃତି ଦାବି କରିଛନ୍ତି । ତେବେ ଗୃହରେ ମଣିପୁର ପ୍ରସଙ୍ଗରେ ଅଲୋଚନା କରିବାକୁ ସରକାର ରାଜି ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଛନ୍ତି । କିନ୍ତୁ ବିରୋଧୀ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିବୃତି ଦାବିରେ ଅଟଳ ରହିଛନ୍ତି । ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି, "ଆମର ଦାବି ହେଲା ପ୍ରଧାନମନ୍ତ୍ରୀ ଗୃହକୁ ଆସନ୍ତୁ ଓ ନିଜର ବିବୃତି ରଖନ୍ତୁ । ଆମେ ଉକ୍ତ ବିବୃତି ଉପରେ ଆଲୋଚନା କରିବାକୁ ରାଜି ଅଛୁ । ଆପଣ(ପ୍ରଧାନମନ୍ତ୍ରୀ) ବାହାରେ କହୁଛନ୍ତି । କିନ୍ତୁ ଗୃହରେ କିଛି କହୁ ନାହାନ୍ତି । ଏହା ସଂସଦ ପ୍ରତି ଅପମାନ ।" ଶିବସେନା ସାଂସଦ ପ୍ରିୟଙ୍କା ଚର୍ତୁବେଦୀ ମଣିପୁର ସ୍ଥିତିକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିବାରୁ ପ୍ରଶ୍ନ ଉଠାଇଛନ୍ତି । ଜେଡିୟୁ ନେତା ଲଲନ ସିଂହ ମଣିପୁର ଘଟଣା ଦେଶ ପାଇଁ ଲଜ୍ଜା ବୋଲି କହିଛନ୍ତି । ସେ କହିଛନ୍ତି, "ମଣିପୁରରେ ଡବଲ ଇଞ୍ଜିନ ସରକାର ରହିଛି । ସେମାନେ ପୂରା ଘଟଣାପ୍ରତି ଅସମ୍ବେଦନଶୀଳ ରହିଛନ୍ତି । ଆମର ଦାବି ହେଲେ ପ୍ରଧାନମନ୍ତ୍ରୀ ଗୃହକୁ ଆସନ୍ତୁ ଓ ବିବୃତି ରଖନ୍ତୁ ।" ତେବେ ବିଜେପି ଏହାକୁ କାଉଣ୍ଟର କରିବା ସହ ବିରୋଧୀ ମଣିପୁର ପ୍ରସଙ୍ଗକୁ ନେଇ ରାଜନୀତି କରୁଛନ୍ତି ବୋଲି କହିଛି ।

## ୧୪ ଓଏଏସ ଅଫିସରଙ୍କ ବଦଳି: ପ୍ରମୋଦ ମିଶ୍ର ଉଚ୍ଚଶିକ୍ଷା ସ୍ୱତନ୍ତ୍ର ସଚିବ




ଭୁବନେଶ୍ୱର, ୨୪/୦୭ (ନି.ପ୍ର):ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସରସ୍ତରରେ ୧୪ଜଣ ଓଏଏସ୍ ଅଫିସରଙ୍କୁ ଅଦଳବଦଳ କରିଛନ୍ତି । ଓଡ଼ିଶା ଲୋକସେବା ଆୟୋଗଙ୍କ ସଚିବ ତଥା ବରିଷ୍ଠ ଓଏଏସ୍ ପ୍ରମୋଦ କୁମାର ମିଶ୍ରଙ୍କୁ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିବାବେଳେ ବରିଷ୍ଠ ଓଏଏସ୍ ରାମଚନ୍ଦ୍ର ପାଲଟାଙ୍କୁ ତାଙ୍କ ସ୍ଥାନକୁ ପଠାଯାଇଛି । ଶ୍ରୀ ପାଲଟା ଏବେ କଟକରେ ଅତିରିକ୍ତ ଅବକାରୀ କମିଶନର ଭାବେ କାର୍ଯ୍ୟ କରୁଛନ୍ତି ଓ ସେ କଟକସ୍ଥିତ ଲୋକସେବା ଆୟୋଗଙ୍କ ସଚିବ ଦାୟିତ୍ୱ ତୁଲାଇବେ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଭୁବନେଶ୍ୱର ଉପଜିଲ୍ଲାପାଳ ଦେବବ୍ରତ ସାହୁଙ୍କୁ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି ତାଳଚେର ଉପଜିଲ୍ଲାପାଳ ବିଶ୍ୱରଞ୍ଜନ ରଥଙ୍କ ପୂର୍ବ ବଦଳିକୁ ବାତିଲ କରି ତାଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ(ବିଡିଏ) ଯୁଗ୍ମ କମିଶନର ଭାବେ ନିଯୁକ୍ତି ମିଳିଛି ।

▶▶ପୃଷ୍ଠା ୭

## ବିଅର ବୋତଲ ବୋଝେଇ କଣ୍ଟେନରରେ ଲାଗିଲା ନିଆଁ

ବଲାଙ୍ଗିର, ୨୪/୦୭ (ନି.ପ୍ର): ଖାଲି ବିଅର ବୋତଲ ବୋଝେଇ କଣ୍ଟେନରରେ ଲାଗିଲା ନିଆଁ । ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ଅନ୍ୟ କର୍ମଚାରୀ । ଆଜି ଏପରି ଦୁର୍ଘଟଣା ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଦେଇ ଯାଇଥିବା ୪୨ ନମ୍ବର ରାଜ୍ୟ ରାଜପଥରେ ଘଟିଛି । ଆନ୍ଧ୍ରପ୍ରଦେଶର ଥ୍ରୀ ସିଟିରୁ କଣ୍ଟେନରରେ ଖାଲି ବିଅର ବୋତଲ ବୋଝେଇ ହୋଇ ବଲାଙ୍ଗିର ବେଲପଡାରେ ଥିବା ମଦ ଫେକ୍ଟ୍ରିକୁ ଆସୁଥିଲା । ତେବେ ସାଲେମୁଣ୍ଡ଼ଗା ଗାଁ ନିକଟରେ କଣ୍ଟେନରଟି ବିଦ୍ୟୁତ ସଂସ୍ପର୍ଶରେ ଆସି ଯାଇଥିଲା । କଣ୍ଟେନର ଉପରେ ପଡ଼ିଥିଲା ପ୍ଲାଷ୍ଟିକ୍ ପାଲରେ ନିଆଁ ଲାଗି ଯାଇଥିଲା । ଡାଲାରେ ନିଆଁ ଲାଗିଥିବା ଜାଣିପାରି ଡ୍ରାଇଭର ଗାଡ଼ି ଅଟକାଇ ଦେଇଥିଲେ । ପରେ ଡ୍ରାଇଭର ଓ ଅନ୍ୟ କର୍ମଚାରୀମାନେ ତଳକୁ ଡେଇଁ ପଡ଼ିଥିଲେ ।

## ଗ୍ୟାଙ୍ଗଷ୍ଟର ଟିଟୋକୁ ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪/୦୭ (ନି.ପ୍ର):କେନ୍ଦ୍ରାପଡ଼ାର ଚର୍ଚ୍ଚିତ ଗ୍ୟାଙ୍ଗଷ୍ଟର ସୟଦ ଉସମାନ ଅଲ୍ଲୀ ଓରଫ ଟିଟୋକୁ ଗିରଫ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ । ପୂର୍ବରୁ ପାଇଥିବା ଜାମିନ ରଦ୍ଦ କରି ଗିରଫ ନିର୍ଦ୍ଦେଶ ଦେଲେ କୋର୍ଟ । ଜାମିନ ସର୍ତ୍ତ ଖିଲାପ କରିବାରୁ ତାକୁ ଗିରଫ କରିବାକୁ

▶▶ପୃଷ୍ଠା ୭



## ହ୍ୱାଟସ୍ଆପ୍‌ରେ ୬ ବିଚାରପତିଙ୍କୁ ହତ୍ୟା ଧମକ: ଟଙ୍କା ଦେବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୪/୦୭ : କର୍ଣ୍ଣାଟକା ହାଇକୋର୍ଟର ୬ ଜଣ ବିଚାରପତିଙ୍କୁ ହତ୍ୟା କରିବାକୁ ମିଳିଛି ଧମକ । କର୍ଣ୍ଣାଟକା ହାଇକୋର୍ଟର ଜଣେ ପିଆରଓଙ୍କୁ ହ୍ୱାଟସଆପ୍‌ରେ କେହି ବିଚାରପତିମାନଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଛି । ଏନେଇ ଅଭିଯୋଗ ହେବା ପରେ ବେଙ୍ଗାଲୁରୁ ପୁଲିସ୍ ଗୋଟିଏ ଏଫଆଇଆର ରୁଜୁ କରି ତଦନ୍ତ ଆରମ୍ଭ କରିଛି । ପିଆରଓ କେ ମୁରଲୀଧର ଦାଖଲ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କୁ ଜୁଲାଇ ୧୨ ତାରିଖ ସନ୍ଧ୍ୟା ୭ଟା ବେଳେ ଅଜଣା ନମ୍ବରରୁ ବିଚାରପତିଙ୍କୁ ହତ୍ୟା କରାଯିବା ନେଇ ଧମକପୂର୍ଣ୍ଣ ମେସେଜ ଆସିଥିଲା । ଧମକ ମେସେଜ ହିନ୍ଦୀ, ଉର୍ଦ୍ଦୁ ଓ ଇଂରାଜୀରେ ରହିଥିଲା । ଏଥିରେ ପିଆରଓ ମୁରିଲୀଧର, ଜଷ୍ଟିସ ମହମ୍ମଦ ନୱାଜ, ଜଷ୍ଟିସ ଏଚଟି ନରେନ୍ଦ୍ର ପ୍ରସାଦ, ଜଷ୍ଟିସ ଅଶୋକ ନିଜାଗାନ୍ନାନାଭାର, ଜଷ୍ଟିସ ଏଚପି ସନ୍ଦେଶ ଜଷ୍ଟି କେ ନଟରାଜନ ଓ ଜଷ୍ଟିସ ବୀରାପ୍ପାଙ୍କୁ ହତ୍ୟା ପାଇଁ ଧମକ ଦିଆଯାଇଛି । ମେସେଜରେ ଦୁର୍ବୃତ୍ତମାନେ ମୁରଲୀଧରଙ୍କୁ ୫୦ ଲକ୍ଷ ଟଙ୍କା ମାଗିଛନ୍ତି । ଏହି ଟଙ୍କାକୁ ଜମା କରିବା ପାଇଁ ସେମାନେ ପାକିସ୍ତାନୀ ବ୍ୟାଙ୍କର ଆକାଉଣ୍ଟ ନମ୍ବର ଦେଇଛନ୍ତି ।

▶▶ପୃଷ୍ଠା ୭

## ସ୍ମାର୍ଟସିଟି ଭୁବନେଶ୍ୱରରେ ଡେଙ୍ଗୁ ଅବସ୍ଥା ଅସମ୍ଭାଳ, ସରକାର ନିଘୋଡ ନିଦରେ : ବିଜେପି

ଭୁବନେଶ୍ୱର, ୨୪/୦୭ (ନି.ପ୍ର): ବିଏମସି ଅବହେଳାରୁ ସ୍ମାର୍ଟ ସିଟି ଭୁବନେଶ୍ୱର ଏବେ ଡେଙ୍ଗୁର ହଟ୍‌ସ୍ପଟ ପାଲଟିଛି । ବିଏମସି ରାଜଧାନୀର ବିଭିନ୍ନ ସ୍ଥାନରେ ଆବର୍ଜନା ଏବଂ ଅପରିଷ୍କାର ପାଣି ଜମାରହୁଥିବା ବେଳେ ଡେଙ୍ଗୁରୋଗର ବାହକ ଏଡିସ ମଶାର ବଂଶ ବିସ୍ତାର ପାଇଁ ସୁବିଧା ହେଉଛି । କ୍ୟାପିଟାଲ ହସ୍ପିଟାଲରେ ଦୈନିକ ୧୩୦ରୁ ଅଧିକ ନମୁନା ପରୀକ୍ଷା କରାଯାଉଥିବାବେଳେ ୨୯ପଜିଟିଭ ବାହାରୁଛି ବୋଲି ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ କହିଛନ୍ତି । ଶ୍ରୀ ମଲ୍ଲିକ କହିଛନ୍ତି ଯେ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ତାଙ୍କ ଦଳର ନେତା ମନ୍ତ୍ରୀମାନେ ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବିଶ୍ୱସ୍ତରୀୟ କହୁଥିବାବେଳେ ୨୩ବର୍ଷ ଶାସନରେ ସ୍ମାର୍ଟସିଟି ଭୁବନେଶ୍ୱରରେ ପାଖାପାଖି ୩୦ପ୍ରତିଶତ ଡେଙ୍ଗୁ ରୋଗୀ । ଏହା ଆମେ କହୁନୁ କ୍ୟାପିଟାଲ ହସ୍ପିଟାଲର ତଥ୍ୟ କହୁଛି ।

▶▶ପୃଷ୍ଠା ୭

## ଆଜି ଓଡ଼ିଶା ଆସୁଛନ୍ତି ମହାମହିମ ରାଷ୍ଟ୍ରପତି



ଭୁବନେଶ୍ୱର, ୨୪/୦୭ (ନି.ପ୍ର): ଆସନ୍ତାକାଲି ତିନିଦିନିଆ ଓଡ଼ିଶା ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ । ଶ୍ରୀମତୀ ମୁର୍ମୁ ନୂଆ ଦିଲ୍ଲୀରୁ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ । ପରେ ସେଠାରୁ ରାଜଭବନ ଯିବେ । ଉକ୍ତଦିନ ରାଜଭବନଠାରେ ରାଜ୍ୟର ଆଦିମ ଜନଜାତି ସମୁଦାୟର ପ୍ରତିନିଧିମାନଙ୍କୁ ଭେଟିବେ ଓ ସେଠାରେ ରାତ୍ର ଯାପନ କରିବେ । ତା'ପର ଦିନ ଅଥବା ୨୬ତାରିଖରେ କଟକ ଚଣ୍ଡିମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିବା ସହ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବାସଭବନ ଓ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିଦର୍ଶନ କରିବେ । ସେହିଦିନ କଟକରେ ଓଡ଼ିଶା ହାଇକୋର୍ଟର ୭୫ତମ ପ୍ରତିଷ୍ଠା ଦିବସ ସମାରୋହ, କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଏବଂ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ବାର୍ଷିକ ଉତ୍ସବରେ ସାମିଲ ହେବେ । ୨୭ତାରିଖରେ ଭୁବନେଶ୍ୱରର ତମାଣ୍ଡୋର ଦଶବାଟିଆଠାରେ ବ୍ରହ୍ମକୁମାରୀ କେନ୍ଦ୍ର ଲାଇଟ୍ ହାଉସ୍ କମ୍ପ୍ଲେକ୍ସର ଶିଳାନ୍ୟାସ କରିବା ସହ ଭଦ୍ରକ ଯାଇ ଭଦ୍ରକ ସ୍ୱୟଂଶାସିତ କଲେଜର ହୀରକ ଜୟନ୍ତୀ ସମାରୋହରେ ଯୋଗ ଦେଇ ନୂଆଦିଲ୍ଲୀ ଫେରିଯିବେ । ତିନିଦିନିଆ ମହାମହିଙ୍କ ଓଡ଼ିଶା ଗ୍ରସ୍ତ ନେଇ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏନେଇ ବ୍ଲୁ ବୁକ୍ ଗାଇଡଲାଇନରେ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସୁରକ୍ଷାକୁ

▶▶ପୃଷ୍ଠା ୭

## ଖୋଲିଲା ହୀରାକୁଦର ଆଉ ୩ଟି ଗେଟ୍



ସମ୍ବଲପୁର, ୨୪/୦୭ (ନି.ପ୍ର): ଖୋଲିଲା ହୀରାକୁଦ ଜଳଭଣ୍ଡାରର ଆଉ ୩ଟି ଗେଟ୍ । ଜଳଭଣ୍ଡାରରେ ଜଳସ୍ତର ବଢୁଥିବାରୁ ଆଜି ଆଉ ୩ଟି ଗେଟ୍ ଖୋଲାଯାଇଛି । ଏହାକୁ ମିଶାଇ ଏବେ ୮ଟି ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସନ ହେଉଛି । ୮ଟି ଗେଟ ମଧ୍ୟରୁ ୨ଟି ଗେଟ ବୁର୍ଲା ଡାହାଣ ସ୍ପିଲ୍ ୱେ' ପାର୍ଶ୍ୱରୁ ଖୋଲା ଯାଇଥିବା ବେଳେ, ହୀରାକୁଦ ବାମ ସ୍ପିଲ ୱେ' ପାର୍ଶ୍ୱରୁ ୬ଟି ଗେଟ୍ ଖୋଲା ଅଛି । ଗତକାଲି ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ

▶▶ପୃଷ୍ଠା

## ଗଞ୍ଜେଇ କାରବାରରେ ଧରାପଡିଥିବା ଅବକାରୀ କନେଷ୍ଟବଳ ଚାକିରିରୁ ବିଦା

ଭୁବନେଶ୍ୱର, ୨୪/୦୭ (ନି.ପ୍ର): ଅବକାରୀ ବିଭାଗରେ କନେଷ୍ଟବଳ ପଦବୀରେ ଥାଇ ଗଞ୍ଜେଇ କାରବାରରେ ଧରାପଡିଥିବା କନେଷ୍ଟବଳ ଦୀପକ ପାଣିଗ୍ରାହୀଙ୍କୁ ଆଜି ଅବକାରୀ କମିଶନର ଶ୍ରୀ ନରସିଂହ ଭୋଳ ଚାକିରିରୁ ବିଦା କରିଛନ୍ତି । ଅବକାରୀ କମିଶନରଙ୍କର ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ ହୋଇଛି । ଅବକାରୀ ବିଭାଗର ସୂଚନା ଅନୁଯାୟୀ ରାୟଗଡା ଜିଲ୍ଲା ଅବକାରୀ ବିଭାଗରେ କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିବା ଦୀପକ ପାଣିଗ୍ରାହୀ ବେଆଇନ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ନେଇ ଅଭିଯୋଗ ହେବା ସହିତ ଚଳିତବର୍ଷ ମାର୍ଚ୍ଚ ୧୪ ତାରିଖରେ ରାୟଗଡା ଟାଉନ ଥାନା ପୁଲିସ ଦ୍ୱାରା ସେ ଗିରଫ ହୋଇଥିଲେ ।

▶▶ପୃଷ୍ଠା ୭


## ସୃଷ୍ଟି ହେଲା ଘୂର୍ଣ୍ଣିବଳୟ: ୨୪ଘଣ୍ଟାରେ ଲଘୁଚାପ କ୍ଷେତ୍ର



ଭୁବନେଶ୍ୱର, ୨୪/୦୭ (ନି.ପ୍ର): ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆଜି ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ । ଏହା ସମୁଦ୍ର ପତ୍ତନଠାରୁ ୫.୮ ରୁ ୭.୬ କିମି ମଧ୍ୟରେ ସକ୍ରିୟ ରହିଛି । ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମାନ ଅଞ୍ଚଳରେ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ସମ୍ଭାବନା ରହିଛି । ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଛି । ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ସୂଚନା ଅନୁସାରେ, ଲଘୁଚାପ କ୍ଷେତ୍ର ପ୍ରଭାବରେ ରାଜ୍ୟରେ ୨୫ ତାରିଖ ବେଳକୁ ବିସ୍ତୃତ ବର୍ଷା ହେବାର ସମ୍ଭାବନା ରହିଛି । ଆଜି ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିମାଣ ଅଧିକ ରହିପାରେ । ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ

▶▶ପୃଷ୍ଠା ୭

## ଜ୍ଞାନବ୍ୟାପି ମସଜିଦ ସର୍ଭେ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୪/୦୭ : ଉତ୍ତର ପ୍ରଦେଶର ବାରାଣସୀରେ ଥିବା ଜ୍ଞାନବ୍ୟାପି ମସଜିଦରେ ଆଜି ସକାଳୁ ଆରମ୍ଭ ହୋଇଥିବା ସର୍ଭେ ଉପରେ ସୁପ୍ରିମକୋର୍ଟ ରୋକ ଲଗାଇ ଦେଇଛନ୍ତି । ଆଜି ସକାଳୁ ଏଏସ୍ ?ଆଇର ପ୍ରାୟ ୩୮ ଜଣ ସଦସ୍ୟ ଜ୍ଞାନବ୍ୟାପି ମସଜିଦରେ ପହଞ୍ଚି ସାଇଣ୍ଟିଫିକ୍ ସର୍ଭେ ଆରମ୍ଭ କରିଥିଲେ । ସର୍ଭେ ସମୟରେ ଏହି ଐତିହାସିକ ମସଜିଦକୁ କାଳେ ସେମାନେ ଖୋଳିଦେବେ, ଏଥିପାଇଁ ମସଜିଦ କର୍ତ୍ତୃପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣି କରି ଜୁଲାଇ ୨୬ ତାରିଖ ସନ୍ଧ୍ୟା

▶▶ପୃଷ୍ଠା ୭

## ରାଜ୍ୟସଭାରୁ ଆପ୍ ସାଂସଦ ସଞ୍ଜୟ ସିଂହଙ୍କ ନିଲମ୍ବନକୁ ନେଇ ତମ୍ବିତୋଫାନ

ନୂଆଦିଲ୍ଲୀ,୨୪/୦୭ : ମୌସୁମୀ ଅଧିବେଶନର ବାକି କାର୍ଯ୍ୟ ଦିବସରୁ ଆପ୍ ସାଂସଦ ସଞ୍ଜୟ ସିଂହ ନିଲମ୍ବନ ହୋଇଛନ୍ତି । ମଣିପୁର ହିଂସାକୁ ନେଇ ସରକାରଙ୍କ ଜବାବ ଅଡ଼ି ବସିବାରୁ ସଞ୍ଜୟ ସିଂହଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଶ୍ରୀ ସିଂହ ଗୃହର ମଧ୍ୟ ଭାଗକୁ ଆସିବା ସହ ବିଭିନ୍ନ ପ୍ରକାରର ନାରା ଦେଇଥିଲେ । ତାଙ୍କୁ ଗୃହର ଅଧକ୍ଷ ନିଜ ଆସନକୁ ଫେରି ଯିବାକୁ ବାରମ୍ବାର କହିଥିଲେ ମଧ୍ୟ ସେ କିଛି ବି ଶୁଣି ନଥିଲେ । ଏଥିପାଇଁ ତାଙ୍କୁ ରାଜ୍ୟସଭାରୁ ନିଲମ୍ବନ କରାଯାଇଛି । କେନ୍ଦ୍ର ସରକାର ଆଗକୁ ଦିଲ୍ଲୀ ପାଇଁ ଆଣିଥିବା ଅଧ୍ୟାଦେଶକୁ ରିପ୍ଲେସ କରିବାକୁ ରାଜ୍ୟସଭାରେ ବିଲ୍ ଆଣିବେ । ଏହାକୁ ରାଜ୍ୟସଭାରେ ମାତ୍ ଦେବାକୁ ଆପ୍ ସବୁ ବିରୋଧ ଦଳଗୁଡ଼ିକୁ ଏକାଠି କରୁଥିବା ବେଳେ ସଞ୍ଜୟ ସିଂହଙ୍କ ନିଲମ୍ବନ ଶକ୍ତ ଝଟକା ସଦୃଶ ହୋଇଛି । ଏହାକୁ ନେଇ ଆପ୍ ? ଆଟାକିଂ ମୋଡକୁ ଚାଲି ଆସିଛି । ବିରୋଧୀ ମଧ୍ୟ ସଞ୍ଜୟ ସିଂହଙ୍କ ନିଲମ୍ବନକୁ ନିନ୍ଦା କରିଛନ୍ତି । ନିଲମ୍ବନ ପ୍ରସଙ୍ଗରେ ଆପ ପକ୍ଷରୁ କୁହାଯାଇଛି ରାଜ୍ୟସଭାରେ ସଞ୍ଜୟ ସିଂହ ହେଉଛନ୍ତି ବିରୋଧୀଙ୍କ ସ୍ୱର । ବିଜେପି ତାଙ୍କୁ ଦରକାର ପଡ଼ିଲେ ଜେଲରେ ପୂରାଇବାକୁ ମଧ୍ୟ ପଛାଇବ ନାହିଁ । ମଣିପୁର ପ୍ରସଙ୍ଗରେ ଶ୍ରୀ ସିଂହ ସ୍ୱର ଉଠାଇଥିଲେ ଓ

▶▶ପୃଷ୍ଠା ୭

# ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ ପାଳିତ

ରାଇରଙ୍ଗପୁର, ୨୪/୦୭ (ନି.ପ୍ର): ରାଇରଙ୍ଗପୁର ପି. ସି.ଏସ. କଲ୍ୟାଣ ମଣ୍ଡପ ଠାରେ ଭାରତୀୟ ମଜଦୂର ସଂଘର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ସହ ବିଭାଗ କାର୍ଯ୍ୟବାହ ଚୈତନ୍ୟ ପ୍ରସାଦ ବାରିକ ଦ୍ୱୀପ ପ୍ରଜ୍ୱଳନ କରି ପ୍ରତିଷ୍ଠା ଦିବସ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବି. ଏମ. ଏସ. ର ରାଜ୍ୟ ସମ୍ପାଦିକା ତଥା ଅଲ ଓଡିଶା ଅଙ୍ଗନବାଡି ଲେଡ଼ିଜ ୱାର୍କର ଏସୋସିଏସନ ର ସଭାନେତ୍ରୀ ସୁମିତା ମହାପାତ୍ର, ରାଜ୍ୟ ପଦାଧିକାରୀ ତଥା ମୟୁରଭଞ୍ଜ ଜିଲ୍ଲା ବି. ଏମ. ଏସ. ର ଉପଦେଷ୍ଟା ନିଗମାନନ୍ଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ବି. ଏମ. ଏସ. ର ଜିଲ୍ଲା ସଭାନେତ୍ରୀ ସରସ୍ୱତୀ ଟୁଡୁ । ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ଚୈତନ୍ୟ ପ୍ରସାଦ ବାରିକ ରାଷ୍ଟ୍ର ହିତରେ ଶ୍ରମିକ ମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ଭାରତୀୟ ମଜଦୂର ସଂଘ ଏକ ଅଣରାଜନୈତିକ ଶ୍ରମିକ ସଂଗଠନ, ଦେଶର ନମ୍ବର ୱାନ ଶ୍ରମିକ ସଂଗଠନ ର ପତାକା ତଳେ ରହି ଆମ୍ଭେ ଗର୍ବ ଅନୁଭବ କରିବା ଉଚିତ ବୋଲି କହିଥିଲେ । ଅତିଥି ପରିଚୟ ପ୍ରଦାନ ତଥା ମଂଚ ପରିଚାଳନା କରିଥିଲେ ଜିଲ୍ଲା ସାଧାରଣ ସମ୍ପାଦକ ବୋଧିରଜତ ମହାନ୍ତ । ମୁଖ୍ୟ ଅତିଥି ସୁମିତା ମହାପାତ୍ର କହିଥିଲେ ଯେ, ଅଙ୍ଗନବାଡି କର୍ମୀ ହେଉ ବା ଆଶାକର୍ମୀ, ସେମାନଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାଭାର ଲଦି ଦିଅ ଯାଉଥିଲେ ମଧ ଉପଯୁକ୍ତ ଧାର୍ଯ୍ୟ ମୂଲ୍ୟ ପ୍ରଦାନ କରା ନ ଯିବା କ୍ଷୋଭର ବିଷୟ । ଉଜ୍ଜ୍ୱଳା ଦିଦି, ପାଚିକା ତଥା ଅଣସଂଗଠନରେ କାର୍ଯ୍ୟରତ ଭାଇ ଭଉଣୀଙ୍କ ନାର୍ଯ୍ୟଦାବି ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅବହେଳା କରିଥିବା ପ୍ରକାଶ କରିଥିଲେ । ବରିଷ୍ଠ ଶ୍ରମିକ ନେତା ତଥା ସାମ୍ବାଦିକ ନିଗମାନନ୍ଦ ପଟ୍ଟନାୟକ କହିଥିଲେ ଯେ, କଳ କାରଖାନା ମାଲିକ, ଖଣି ଖାଦାନର ମାଲିକଙ୍କ ଠାରୁ ଆରମ୍ଭ କରି ଛୋଟ ଛୋଟ ବ୍ୟବସାୟୀ ମାନେ ଶ୍ରମିକ ମାନଙ୍କର ନ୍ୟାର୍ଯ୍ୟ ଦାବି ନ ଦେଇ ବିଭିନ୍ନ ଆଳ ଦେଖାଇ କମ୍ ଦରମା ଦେବା ତଥା କାମରୁ ବାହାର କରିଦେବା ଭଳି ବହୁ ଘଟଣା ଦୈନନ୍ଦିନ ଘଟୁଛି । ଏଥି ପ୍ରତି ସରକାର ଧ୍ୟାନ ନ ଦେଲେ ଆନ୍ଦୋଳନ ହେବ । ସରକାର ଏହାର କୁପରିଣତି ଆଗାମୀ ଦିନରେ ଦେଖିବେ ବୋଲି ସେ ଚେତାବନୀ ଦେଇଥିଲେ । ବନ୍ଦ ହୋଇଥିବା ଖଣି, କଳ କାରଖାନା ଖୁବ ଶୀଘ୍ର ନ ଖୋଲିଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକର ପ୍ରତିନିଧି ମାନେ ତଥା ଅଙ୍ଗନବାଡି, ଆଶା, ପାଚିକା, ଉଜ୍ଜ୍ୱଳା, ବାମନଘାଟି ଶିଳ୍ପ ମଜଦୂର ସଂଘ, ମାଇନ୍ସ, ମୟୁର ସିରାମିକ୍ସ, ଗ୍ରାମୀଣ କୃଷି ମଜଦୂର ସଂଘ, ଅଣ ସଂଗଠିତ ଶ୍ରମିକ ମାନେ ଅଂଶଗ୍ରହଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଶଶୀକଳା ପଲେଇ, ସୁନାମଣୀ ଚାମ୍ପେୟାର, ବିଶ୍ୱମ୍ବର ଦାସ, ମନୋରମା ବେହେରା, ଭୀମ ଚରଣ ମହାକୁଡ଼, ସାରଥୀ ମହାନ୍ତ, ଲାଖିଆ ଟୁଡୁ, ବୈଜନ୍ତୀ ମହାନ୍ତ, ନୀଳାଦ୍ରି ପାତ୍ର, ନବୀନ କୁମାର ବେହେରା, ଲଳିତା ବିନ୍ଧାଣି, ବୀଣାପାଣି ଗାଗରାଇ, ଗୋଲାପୀ ନାଏକ, ନିର୍ମଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# କୋରାପୁଟ ଜିଲ୍ଲା କୋଟିଆ ଗସ୍ତରେ ରାଜ୍ୟ କୃଷି ସଚିବ ଅରବିନ୍ଦ ପାଢ଼ୀ

ଜୟପୁର, ୨୪/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ଓଡିଶା ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଥିବା କୋଟିଆ ପଂଚାୟତ ଗସ୍ତ କରିଛନ୍ତି ରାଜ୍ୟ କୃଷି ସଚିବ ଅରବିନ୍ଦ ପାଢୀ। ଓଡିଶା ସରକାରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରି ସେ ଫେରିଛନ୍ତି । ସେ ଆଗାମୀ ଦିନରେ ଓଡିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା କୃଷି ଉତ୍ପାଦନ କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଚାଷୀଙ୍କୁ ଆମ୍ବ ନିଯୁକ୍ତି ଯୋଜନା କିଭଳି କାର୍ଯ୍ୟକ୍ଷମ ହୋଇପାରିବ ସେଥିନେଇ ଗସ୍ତ ରହିଥିଲା । ଉକ୍ତ ଗସ୍ତରେ କୋଟିଆର ଆଦର୍ଶ ବିଦ୍ୟାଳୟ, ଜଗନ୍ନାଥ ମନ୍ଦିର, କୋଲ୍ଡ ଷ୍ଟୋରେଜ, ସ୍ଥାନୀୟ ଚାଷୀଙ୍କ ଚାଷ କାର୍ଯ୍ୟ ଗୁଡ଼ିକୁ ଦେଖିଥିଲେ। ଏହାପରେ ସେ କୋଟିଆ ପଂଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ଜନପ୍ରତିନିଧି ଏବଂ ଚାଷୀଙ୍କ ସହ ଆଲୋଚନା କରିଥିଲେ। କୋଟିଆର ରୂପାନ୍ତରଣରେ ଜିଲ୍ଲା ପ୍ରଶାସନର ଭୂମିକାକୁ ସେ ପ୍ରଶଂସା କରିଥିଲେ। ଏବଂ ବୈଠକରେ ସ୍ଥାନୀୟ ଜନ ପ୍ରତିନିଧି ଏବଂ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଗୁଡ଼ିକୁ ନେଇ ଅବଗତ ହୋଇ ଏହାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ।

ଏହି ସମୟରେ କୋରାପୁଟ ଜିଲ୍ଲାପାଳ ଅବଦୁଲ୍ ମହମଦ୍ ଅକ୍ତର୍ ଏବଂ ବିଭିନ୍ନ ଜିଲ୍ଲା ଓ ବ୍ଲକ ଅଧିକାରୀ, ସ୍ଥାନୀୟ ସରପଂଚ ଲିଉ ଗେମେଲ, ପଟ୍ଟାଙ୍ଗି ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟ ଟିକାଇ ଗେମେଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ସାହିତ୍ୟ ଏକାଡେମୀ ସଚିବ ଡଃ ପ୍ରବୋଧ ରାଉତଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା, ୨୪/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର କାର୍ଯ୍ୟକାରୀ କମିଟିର ବୈଠକ ସାହିତ୍ୟ ସଂସଦର ସଭାପତି ଡ. ବାସୁଦେବ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଓଡିଶା ସାହିତ୍ୟ ଏକାଡେମୀ ସଚିବ ଡ. ପ୍ରବୋଧ ରାଉତଙ୍କ ଦେହାନ୍ତରେ ସାହିତ୍ୟ ସଂସଦ ତରଫରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ ସହିତ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଦୈନିକ ସମାଜର ନୂତନ ସମ୍ପାଦକ ଭାବରେ ଡଃ ପ୍ରମୋଦ ମହାପାତ୍ର ନିଯୁକ୍ତି ପାଇଥିବାରୁ ତାଙ୍କୁ ସଂସଦ ତରଫରୁ ସ୍ୱାଗତ କରାଯାଇଥିଲା । ସାହିତ୍ୟ ସଂସଦର ନୂତନ କର୍ମକର୍ତା ନିର୍ବାଚନ ଅକ୍ଟୋବର ମାସରେ ଅନୁଷ୍ଠିତ ହେବ । ଅଗଷ୍ଟ ମାସ ୩୧ ତାରିଖ ସୁଦ୍ଧା ସଭ୍ୟ/ ସଭ୍ୟାମାନଙ୍କ ନବୀକରଣ କରାଯିବ । ସଂସଦର ବାର୍ଷିକୋତ୍ସବ ଡିସେମ୍ବର ୨୬ ତାରିଖରେ ପାଳନ କରାଯିବ । ଏହି ଅବସରରେ ସଂସଦର ମୁଖପତ୍ର ପ୍ରକାଶିତ ହେବ । ଏଥିରେ ଲେଖା ପଠାଇବାକୁ ଇଚ୍ଛୁକ ସାହିତ୍ୟିକମାନେ ଅକ୍ଟୋବର ୩୧ ତାରିଖ ସୁଦ୍ଧା ପଠାଇବାକୁ ଅନୁରୋଧ କରାଯାଇଥିଲା । ଏଥିରେ ସାହିତ୍ୟ ସଂସଦର ସମ୍ପାଦକ ଶୁଭ୍ରାଂଶୁ କୁମାର ଦାସ, ଉପସଭାପତି ପ୍ରଦୀପ କୁମାର ଦାଶ, ରାମକୃଷ୍ଣ ଦାଶ, ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳ, ସହସମ୍ପାଦକ ଶ୍ରୀଧର କୁମାର ଭୋଳ, ଉପସଭାପତି ପ୍ରେମଲତା ଗିରି, କାର୍ଯ୍ୟକାରୀ ସମିତିର ସଭ୍ୟ ସୁରେନ୍ଦ୍ର ବେହେରା, ଶରତ କୁମାର ରାଉତ, ନିରୂପମା ଦାସ, ଗୋଲକ କୁମାର ସେଠୀ, କୋଷାଧ୍ୟକ୍ଷ ନୃସିଂହ ଚରଣ ତ୍ରିପାଠୀ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଦେବାଶିଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଶ ବର୍ଷ ବିତିଲା, ଅଧାଗଢ଼ା ପିଲାରରେ ଅଟକିଛି ତିନିକୁଦି ବିଜୁ ସେତୁ

ବ୍ରହ୍ମଗିରି , ୨୪/୦୭ (ନି.ପ୍ର): ଗାଁକୁ ସବୁଦିନିଆ ରାସ୍ତା ହେବା ସହିତ ନଦୀ ପାରିହୋଇ ଯାଉଥିବା ଲୋକଙ୍କ ସମସ୍ୟା ରହିବ ନାହିଁ, ନଦୀ ଉପରେ ବିଜୁ ସେତୁ ନିର୍ମାଣ ହେବ। ସେଥିପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ ହେଉଛି। କିନ୍ତୁ ବାସ୍ତବରେ ଏହା ସ୍ୱପ୍ନ ହୋଇ ଲୋକଙ୍କ ପାଖରେ ରହିଛି।

ରାଜ୍ୟ ରାଜଧାନୀଠାରୁ ମାତ୍ର ୮୦ କିଲୋମିଟର ଓ ପୁରୀ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟଠାରୁ ମାତ୍ର ୧୭ କିଲୋମିଟର ଦୂରରେ ରହିଛି ବ୍ରହ୍ମଗିରି ବ୍ଲକ୍ କଡ଼ାଜିତ ପଞ୍ଚାୟତର ତିନିକୁଦି ଗାଁ। ଭାର୍ଗବୀ ନଦୀ ଉପରେ ସେତୁ ନିର୍ମାଣ ପାଇଁ ସ୍ଥାନୀୟ ୧୫ରୁ ଅଧିକ ଗାଁ ଲୋକେ ବାରମ୍ବାର ଦାବି କରି ଆସୁଥିଲେ। ଦାବିକୁ ଆଖି ଆଗରେ ରଖି ୨୦୧୩ରେ ତିନିକୁଦିଠାରେ ତିନିକୁଦି-ବାଲିକେରା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ ହେଲା। ମୁଖ୍ୟମନ୍ତ୍ରୀ ନିଜେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କଲେ। ତୁରନ୍ତ ସେତୁ ନିର୍ମାଣ ପାଇଁ ନିର୍ଦ୍ଦେଶ ମଧ୍ୟ ଦେଲେ। ଏହାରି ଭିତରେ ୧୦ ବର୍ଷ ବିତି ଗଲାଣି। କିନ୍ତୁ ସେତୁର ମାତ୍ର ୩ଟି ଅଧାଗଢ଼ା ପିଲାର ସେମିତି ନଦୀ ଗର୍ଭରେ ଛିଡ଼ାହୋଇ ରହିଛି। ସେତୁ ନିର୍ମାଣ ପାଇଁ ବାରମ୍ବାର ଦାବି ଉଠିଛି। ଆନ୍ଦୋଳନ ହୋଇଛି। ରାଜନେତାଙ୍କଠାରୁ ଆରମ୍ଭ କରି ବିଭାଗୀୟ ବଡ଼ବଡ଼ ଅଧିକାରୀଙ୍କ ଘଟଣାସ୍ଥଳକୁ ଗସ୍ତ ହୋଇଛି। କିନ୍ତୁ ସବୁକିଛି ସେମିତି ପ୍ରତିଶ୍ରୁତିରେ ରହିଯାଇଛି।



ସେତୁ ନିର୍ମାଣ ପାଇଁ ନଦୀ ବନ୍ଧକୁ କାଟି ଦିଆଯାଇଥିବା ସମୟରେ ବନ୍ୟାପାଣି ଆସିଲେ ୫୬ ମୌଜାର ଲୋକଙ୍କ ପାଇଁ ବିପଦ ଆଣି ଦେଉଛି। ୩ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ସେତୁ ଆଜି ମଧ୍ୟ ଅଧାଗଢ଼ା ପିଲାର ଉପରେ ଛିଡ଼ାହୋଇଛି। ଲୋକେ ନିଜସ୍ୱ ଉଦ୍ୟମରେ ନିର୍ମାଣ କରିଥିବା କାଠପୋଲ ଉପରେ ଯାତାୟାତ କରୁଛନ୍ତି। ଗତକାଲି କାଠପୋଲ ଭାଙ୍ଗି ନଦୀ ଗର୍ଭକୁ ପଡ଼ିବାରୁ ଯାତାୟାତ ଠପ୍ ହୋଇଯାଇଛି। ପିଲାମାନଙ୍କ ପାଠପଢ଼ାରେ ଡୋରି ଲାଗିବାର ଆଶଙ୍କା ଦେଖା ଦେଇଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି କୋମଳମତି ଛାତ୍ରଛାତ୍ରୀ ଜୀବନକୁ ବାଜି ଲଗାଇ କାଠପୋଲରେ ପାରି ହେବାକୁ ବାଧ ହେଉଛନ୍ତି। ଏହା କୌଣସି ଉପାନ୍ତ କିମ୍ବା ପାହାଡ଼ିଆ ଅଞ୍ଚଳ ନୁହେଁ। ଏଠାରେ ଯଦି ବିଜୁ ସେତୁ ନିର୍ମାଣର ବିକଳ ଚିତ୍ର ଏଭଳି ରହିଛି ତେବେ ଉପାନ୍ତ ଓ ପାହାଡ଼ିଆ ଅଞ୍ଚଳରେ ଚିତ୍ର କିଭଳି ହୋଇଥିବ ଏଥିରୁ ସହଜରେ ଅନୁମେୟ। ସେତୁର ସ୍ଥିତି କଣ ଅଛି ? ଏହାର ନିର୍ମାଣ ହେବ କି ନାହିଁ ? ସେ ନେଇ ବିଭାଗୀୟ ଅଧିକାରିଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରୁ ନାହିଁ।

# ବିଜୁ ଜନତା ଦଳ ପକ୍ଷରୁ କୋତପୁର ପଂଚାୟତରେ ସଂଗଠନିକ ବୈଠକ

ଧର୍ମଶାଳା, ୨୪/୦୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଜିଲା ପରିଷଦ ନିକନ୍ତେ ଉପନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ଆଜି କୋତପୁର ପଂଚାୟତସ୍ଥ ୧୨ ନଂ ୱାର୍ଡ ପଳାସିଆ ଓ ବୃଦ୍ଧଲିଙ୍ଗଠାରେ ଏହି ନିର୍ବାଚନକୁ ଦୃଷ୍ଟିରେ ରଖି ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ପରାମର୍ଶ କ୍ରମେ ବିଜେଡିର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଦଳ କିପରି ଏହି ନିର୍ବାଚନ ଜିତିବ ତାହାକୁ ନେଇ ଦଳୀୟ କର୍ମକର୍ତାଙ୍କ ସହ ଆଲୋଚନା କରାଯାଇଥିଲା ।

# ବିଜେପି ପକ୍ଷରୁ ଗରିବ କଲ୍ୟାଣ ସମାବେଶ

ସମ୍ବଲପୁର, ୨୪/୦୭ (ନି.ପ୍ର): ସମ୍ବଲପୁର ବିଜେପି ପକ୍ଷରୁ ରବିବାର ଦିନ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେଙ୍ଗାଲି ମଣ୍ଡଳ ସ୍ତରୀୟ ଗରିବ କଲ୍ୟାଣ ସମାବେଶ ଅନୁଷ୍ଠିତ ହୋଇଯାଇଛି।

କେନ୍ଦ୍ରରେ ମୋଦୀ ସରକାରଙ୍କ ୯ ବର୍ଷ ପୂର୍ତି ଅବସରରେ ବିଜେପି ପକ୍ଷରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମୋଦୀ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଂଚାଇବା ସହ ବିଜେପି ସଂଗଠନକୁ ବୁଥ ସ୍ତରରୁ ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ମଜଭୂତ ଓ ଅଧିକ ସକ୍ରିୟ କରିବା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସେଥି ମଧ୍ୟରୁ ଗରିବ କଲ୍ୟାଣ ସମାବେଶ ଅନ୍ୟତମ । ଆଜିର ବୈଠକରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକ ସମ୍ପର୍କରେ ହିତାଧିକାରୀଙ୍କ ସମେତ ସାଧାରଣ ଜନତା, ବିଜେପି ସମର୍ଥକମାନେ ସାମିଲ ହୋଇ ସମସ୍ତ ବିଷୟରେ ସଚେତନ ହୋଇଥିଲେ। ମୋଦୀ ସରକାରର ଯୋଜନା ଗୁଡିକ ସମାଜର ସମସ୍ତ ବର୍ଗର ଲୋକଙ୍କ ପାଇଁ ଉଦ୍ଧିଷ୍ଟ ରହିଛି। ସମଗ୍ର ଦେଶରୁ ସମ୍ପୂର୍ଣ୍ଣ ଦାରିଦ୍ର୍ୟକୁ ମୂଳୋତ୍ପାଟନ କରି ଏକ ବିକଶିତ ରାଷ୍ଟ୍ର ଗଠନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟଥିଲା। ଆଜି ରେଙ୍ଗାଲି ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ସାଧାରଣ ସଂପାଦକ ରବିନାରାୟଣ ନାୟକ, ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ, ପ୍ରମୁଖ ଉପସ୍ଥିତ ଜନସାଧାରଣ, ପଦାଧିକାରୀ ଓ କର୍ମୀ ମାନଙ୍କୁ ସମସ୍ତ ବିଷୟରେ ଅବଗତ କରାଇଥିଲେ।

# ସ୍ୱାଧୀନତାର ୭୫ ବର୍ଷ ପରେ : ଏବେବି ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତ ସୁବର୍ଣ୍ଣପୁର ଜିଲ୍ଲା ଝରାପଡ଼ା ଗ୍ରାମବାସୀ

ସୁବର୍ଣ୍ଣପୁର, ୨୪/୦୭ (ନି.ପ୍ର): ଦେଶ ଏବେ ଆଜାଦି ର ଅମୃତ ମହୋତ୍ସବ ଆଡମ୍ବର ରେ ପାଳନ କରୁଥିବା ବେଳେ ସୁବର୍ଣ୍ଣପୁର ଜିଲ୍ଲାର ବିନିକା ବ୍ଲକ ଅନ୍ତର୍ଗତ ସେଲେଡି ଗ୍ରାମ ପଂଚାୟତର ଝରାପଡା ଗ୍ରାମରେ ବସବାସ କରୁଥିବା ପ୍ରାୟ କୋଡିଏ ଟି ପରିବାର ନିଜର ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତହୋଇ ଏକ ଅକଥନୀୟ ଦୁର୍ଦ୍ଦଶାରେ ଜୀବନ ବିତାଉଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଛି। ନାଁ ଅଛି ପିଇବା ପାଣିର ସୁବିଧା ନାଁ ଅଛି ବିଦ୍ୟୁତ, ଅଧା ପାଳ ଅଧା ପଲିଥିନ ମାଟି ଘରକୁ ଘୋଡାଇ ବର୍ଷା ପାଣି ପୁଣି ସରିସୃପଙ୍କ ଭୟ ରେ ରାତି ଉଜାଗର ରହୁଛନ୍ତି। ଦୀର୍ଘ ୫ ବର୍ଷ ପୂର୍ବରୁ ଏହି ବସ୍ତିରେ ଶିକ୍ଷାରୁ ସମ୍ପୂର୍ଣ ବଂଚିତ ହୋଇ ଆସୁଥିବା ମୂଳ ସାଦ୍ରୀ ଭାଷା କହୁଥିବା ଏହି ସମ୍ପ୍ରଦାୟ ର ଲୋକେ କିଛି ସାମ୍ବାଦିକଙ୍କୁ ଦେଖି ତାଙ୍କ ସବୁ ଦୁଃଖ ଜଣାଇ ଭାବ ବିହ୍ୱଳ ହୋଇ ଯାଇଥିଲେ। ଏହି ବସ୍ତିରେ ଅଛନ୍ତି ଯଜ୍ଞ ଝରା, ଜାଲ ଝରା ନାମ୍ନୀ ଦୁଇଜଣ ବିଧବା ମହିଳା, ଶରତ ଝରା, ସୋନିଆ ଝରା, ନୟନା ଝରା, ସୁକାନ୍ତି ଝରାଙ୍କ ବୟସ ଷାଠିଏରୁ ଅତିକ୍ରାନ୍ତ ହୋଇଥିବାବେଳେ ନା ସେମାନେ ବିଧବା ଓ ବାର୍ଦ୍ଧକ୍ୟ ଭତା ପାଉଛନ୍ତି ନା ସେମାନଙ୍କ ପାଖରେ ରେସନ କାର୍ଡ ଅଛି ଖାଲି ଆଧାର କାର୍ଡ ଓ ଭୋଟପରିଚୟ ପତ୍ର ଧରି ସେମାନେ ନିଜ ପରିଚୟ ଜାହିର କରୁଛନ୍ତି ସିନା ସେ ବସ୍ତିରେ ଜନ୍ମିତ ଛୁଆମାନେ ମଧ୍ୟ ଫୁଙ୍ଗୁଳା ଦେହରେ ନିଜନିଜର ଶୈଶବ ଖୋଜୁଛନ୍ତି। ନିକଟରେ ଅଙ୍ଗନବାଡ଼ି ସେଂଟର ଥିଲେ ମଧ ସେମାନଙ୍କ ପାଇଁ ତାହା ସ୍ୱପ୍ନ ହୋଇଛି। କିଛିପିଲା ପାଖଗ୍ରାମ ଡୁଲୁଣ୍ଡିପାଲି ପ୍ରାଥମିକ ବିଦ୍ୟାଳୟକୁ ପଢ଼ିବା ପାଇଁ ଯାଉଛନ୍ତି। ସେମାନେ ପାଖାପାଖି କୋଡିଏ ପରିବାର ସେଠାରେ ଅଛନ୍ତି ହେଲେ କେବଳ ଭୋଟବେଳେ ବିଭିନ୍ନ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ତାଙ୍କପାଖରେ ପହଂଚି କେବଳ ନାନା ପ୍ରତିଶ୍ରୁତି ଦେଇ ଆସିଛନ୍ତି ସିନା ସେମାନଙ୍କ ପାଇଁ ସର୍ବନିମ୍ନ ଆବଶ୍ୟକତା ଯୋଗାଇଦେବା ପାଇଁ ଭୂଲି ଯାଇଛନ୍ତି। ତାଙ୍କ ଭିତରୁ କେବଳ ଜଣେ ମହିଳା ବାବି ବେହେରା ପାଂଚ କେଜି ଚାଉଳ ଓ ଗୋଟିଏ ପରିବାର ସେଲେଡି ଗ୍ରାମପଂଚାୟତର ଗିନୁ ଝରାଙ୍କ ନାମରେ ପଚିଷ କେଜି ଚାଉଳ ର ଗୋଟିଏ ଖାତାରେ କାର୍ଡ ନମ୍ବର ପକାଇ ପାଇଛନ୍ତି, ହେଲେ ସେମାନେ ବିଏସକେୱାଇ କାର୍ଡ ରୁ ମଧ୍ୟ ବଂଚିତ ଅଛନ୍ତି। ଯା ଦ୍ୱାରା କି ଲୁହକ୍ଷ ଝରା ନାମକ ଜଣେ ୧୮ ବର୍ଷୀୟ ଭିନ୍ନକ୍ଷମ ଯୁବକ ଙ୍କ ପାଇଁ ବର୍ତମାନ ଜରୁରୀ ଚିକିତ୍ସା ଆବଶ୍ୟକ ହୋଇ ପଡିଛି। ପୂର୍ବେ ଏମାନଙ୍କ କୌଳିକ ବୃତି ଥିଲା ମାଣ, ଜାଗର, ତାମ୍ବୀ ତମ୍ବା ଓ କଂସା ବାସନ ତିଆରି କରିବା, କିନ୍ତୁ ବଜାରରେ ଏବେ ଏହାର ଚାହିଦା କମି ଯିବାରୁ ସେମାନେ ତମ୍ବା ମୁଦି, ଚୁଟିକି, ବଳା, ପଥର ମୁଦି, ଆଦି ବିଭିନ୍ନ ସାମଗ୍ରୀ ତିଆରି କରି ଜୀବିକା ନିଭାଉଛନ୍ତି । ଆଉ କିଛି ଲୋକ ଚାଷ ରେ ତ କିଛି ଲୋକ ପାଖଗାଁର ଶ୍ରମିକ ସର୍ଦ୍ଦାର ହାବୁଡ଼ ରେ ପଡି ବାହାର ରାଜ୍ୟ କୁ ଦାଦନ ଖଟିବାକୁ ଯାଇ ଯାଇ ନାନା ନିର୍ଯାତନା ର ଶିକାର ହୋଇଛନ୍ତି। ଏପରିକି ରାଜୁ ଓ ସୁରୁବାଲି ଉଭୟେ ସ୍ୱାମୀ ସ୍ତ୍ରୀ ଦୁଇ ନାବାଳକ ପିଲା ଙ୍କୁ ଛାଡି ଏବେବି ଏକ କମ୍ପାନୀ ମାଲିକର ନଜର ବନ୍ଦୀରେ ଅଛନ୍ତି । ପତା ମିଳୁନି ତାଙ୍କର ଏପରି ସ୍ଥଳେ ଉଭୟ ପିଲା ଭୟଭୀତ ଅବସ୍ଥାରେ ଅଛନ୍ତି। ଘଟଣା ସ୍ଥଳକୁ ଯାଇଥିବା ଓଡିଶା ସାମ୍ବାଦିକ ସଂଘ ର ସୋନପୁର କର୍ମକର୍ତା ସେଠାରୁ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କୁ ଏଇ ଗାଁର ଦୁଃଖ ଦୁର୍ଦଶା ଉପରେ ଦୃଷ୍ଟି ଆକର୍ଷଣ କରିବାରୁ ଜିଲ୍ଲାପାଳ ବିନିକା ବିଡ଼ିଓ ଓ ତହସିଲଦାରଙ୍କୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ବିଷୟ ଏହି ମିଡ଼ିଆ ଗ୍ରୁପ କୁ କହିଥିଲେ । ସ୍ଥାନୀୟ ସେଲେଡି ସରପଂଚଙ୍କ ପ୍ରତିନିଧି ଗୈ ।ର ସୁନାଙ୍କୁ ଭେଟିବାରୁ ସେ ମଧ ପ୍ରଥମେ ପିଇବା ପାଣିପାଇଁ ନଳକୂପ ଖୋଳାଇବା ସହ ବିଦ୍ୟୁତ ସଂଯୋଗର ସୁବିଧା ଓ ସମସ୍ତ ଙ୍କ ଆଧାର କାର୍ଡ ପ୍ରସ୍ତୁତ ପାଇଁ ଚେଷ୍ଟା କରିବି ବୋଲି କହିଥିଲେ।

# କେନ୍ଦ୍ରାପଡା ଜିଲ୍ଲା ଓଷ୍ଟାର କନେକ୍ସନ

କେନ୍ଦ୍ରାପଡ଼ା, ୨୪/୦୭ (ନି.ପ୍ର): ଶିକ୍ଷକ ଶିକ୍ଷିକା ଓ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ନେଇ ରାଜ୍ୟ ଓଷ୍ଟାର ନିଷ୍ପତିକ୍ରମେ ଜିଲ୍ଲା ଓଷ୍ଟାର କନେକ୍ସନ୍ ସ୍ଥାନୀୟ ଗୁଲନଗର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଓଷ୍ଟାର ସଭାପତି ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ ଜିଲ୍ଲା ସମ୍ପାଦକ ନିର୍ମଳ କୁମାର ନାୟକ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଜିଲ୍ଲା ପ୍ରଭାରୀ ନିର୍ମଳ କୁମାର ଜେନା, ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା ପ୍ରମୁଖ ଯୋଗଦେଇ ଶିକ୍ଷକମାନଙ୍କର ବିବିଧ ସମସ୍ୟା ଉପରେ ଆଲୋକପାତ କରିବା ସହ ଆଗାମୀ ଅଗଷ୍ଟ ୯ କ୍ରାନ୍ତି ଦିବସରୁ ଯୁଗାନ୍ତକାରୀ ଆନ୍ଦୋଳନର ପ୍ରସ୍ତୁତି ପାଇଁ ଆହ୍ୱାନ ଦେଇଥିଲେ । ସଂଘର ଦାବିଗୁଡିକ ମଧ୍ୟରେ ୧୯୪ ଅଣଅଣୁଦାନପ୍ରାପ୍ତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କୁ ପେନସନ୍ ପ୍ରଦାନ ସହ ଚାକିରୀ ସର୍ତାବଳୀ ଓ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ୬୪୮ ବିଦ୍ୟାଳୟକୁ ସରକାରୀକରଣ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଠିକା ଶିକ୍ଷକ, ଶିକ୍ଷିକାମାନଙ୍କୁ ନିଯୁକ୍ତି ଦିନରୁ ସ୍ଥାୟୀ କରାଯିବା, ୧୯୦୦, ୨୨୦୦ ଓ ୨୮୦୦ ଗ୍ରେଡ୍ ପାଇଥିବା ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କର ସପ୍ତମ ବେତନରେ ରହିଥିବା ଅସଂଗତି ଦୂର କରିବା ଓ ୪୮ ବର୍ଷ ପରେ ଉଚ୍ଚହାରରେ ବେତନ ପ୍ରଦାନ ଇତ୍ୟାଦି ଦାବି ନେଇ ଆସନ୍ତା ଅଗଷ୍ଟ ୯ କ୍ରାନ୍ତି ଦିବସରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହଜାର ହଜାର ଶିକ୍ଷକ ଓ କର୍ମଚାରୀ ଆନ୍ଦୋଳନରେ ଯୋଗଦେବା ସହ ଅଗଷ୍ଟ ୧୬, ୧୭ ଓ ୧୮ ତିନିଦିନ ବ୍ୟାପି ଭୁବନେଶ୍ୱରରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ରାଜ୍ୟ ଓଷ୍ଟା ପକ୍ଷରୁ ନିଷ୍ପତି ନିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ରାଜ୍ୟ ସମ୍ପାଦକ ତ୍ରୈଲୋକ୍ୟ ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା ସମ୍ପାଦକ ତପନ କୁମାର ସିଂହ, ପ୍ରାକ୍ତନ ଜିଲ୍ଲା ସଭାପତି ବିଜୟ କୁମାର ଦାସ, ଉପସଭାପତି ତ୍ରୈଲୋକ୍ୟ ମିଶ୍ର, ଗୋକୁଳି ଚରଣ ରାଉତ, କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର କୁମାର ପରିଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାପାତ୍ର, ବ୍ଲକ ସମ୍ପାଦକ ଭଗବାନ ସାହୁ, ସଞ୍ଜୟ କୁମାର ସାମଲ, ଅନ୍ନପୂର୍ଣ୍ଣା ସାହୁ, ସରୋଜିନୀ ସ୍ୱାଇଁ, ରୀନାରାଣୀ ରାଉତ ପ୍ରମୁଖ ଆଗାମୀ ଆନ୍ଦୋଳନକୁ ସଫଳ କରି ଶିକ୍ଷକ, ଶିକ୍ଷିକା ଓ କର୍ମଚାରୀମାନଙ୍କ ଦାବି ପୂରଣ କରିବାକୁ ବଜ୍ର ଶପଥ ନେଇଥିଲେ।

# ଶିକ୍ଷାବର୍ଷ ୨୦୨୩-୨୪ ପାଇଁ ଯେ ଆର୍‌ସି ୟୁନିଟ୍ ଗଠିତ

ସୁବର୍ଣ୍ଣପୁର, ୨୪/୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ପଂଚାୟତ ଉଚ୍ଚ ବିଦ୍ୟାଳୟ, ମାୟାବର୍ହା ଠାରେ ୨୦୨୩-୨୪ ଶିକ୍ଷାବର୍ଷ ନିମନ୍ତେ ଜୁନିୟର ରେଡକ୍ରସ ୟୁନିଟ ଗଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବିଚନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଭବ୍ୟ ସଭାରେ ଉଭୟ ନବମ ଏବଂ ଦଶମ ଶ୍ରେଣୀରୁ ଛାତ୍ରଛାତ୍ରୀ ମାନଙ୍କୁ ଜୁନିୟର ରେଡକ୍ରସ ୟୁନିଟ ତରଫରୁ ଆଗାମୀ ଦିନରେ ରେଡକ୍ରସର ସପ୍ତନୀତି ଅନୁପାଳନ ପୂର୍ବକ ମାନବୀୟ ସେବା ପ୍ରଦାନ କରିବାର ସୁଯୋଗ ଦିଆଯିବାର ଯୋଜନା ପ୍ରସ୍ତୁତ କରାଯାଇଛି। ହିନ୍ଦୀ ଶିକ୍ଷକ ନନ୍ଦି ଘୋଷ ବାରିକ ସ୍ୱାଗତ ଅଭି ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଜୁନିୟର ରେଡକ୍ରସ ୟୁନିଟ ତରଫରୁ ସେବା କାର୍ଯ୍ୟ ଉଦ୍ଦେଶ୍ୟରେ ବିଭିନ୍ନ ପଦ ପଦବୀ ରେ ମନୋନୀତ କରା ଯାଇ ଥିଲା । ସର୍ବସମ୍ମତି କ୍ରମେ ମୁସ୍କାନ ସାହୁ-ଚେୟାର ପାର୍ସନ,ଜନନୀକା ନାଏକ- ଭାଇସ ଚେୟାରପାର୍ସନ, ଲିପସା ଯୁଆଡି- ସଂପାଦିକା, ଅର୍ଚ୍ଚିତା ପଧାନ- ସହ-ସଂପାଦିକା, ଟିକେଶ୍ୱରୀ ସାହୁ- କମାଣ୍ଡର, ପ୍ରୀତି ଖର୍ସେଲ- ଭାଇସ୍ କମାଣ୍ଡର, ସୋମ୍ୟା ବଢେଇ-ସ୍ୱାସ୍ଥ୍ୟ ଓ ପରିମଳ ଗ୍ରୁପ ଲିଡର, ମମତା ଦୀପ- ସାମାଜିକ ସେବା ଗ୍ରୁପ ଲିଡର, ଲିଜା ସୁନା- ସାଂସ୍କୃତିକ ଗ୍ରୁପ ଲିଡର, ନମ୍ରତା ଭୁଏ -ପାଣ୍ଠି ସଂଗ୍ରହ ଗ୍ରୁପ ଲିଡର, ଲିକି ମାଝୀ - ଆନ୍ତର୍ଜାତିକ ବନ୍ଧୁତ୍ୱ ଗ୍ରୁପ ଲିଡର ଭାବରେ ଯଥାକ୍ରମେ ମନୋନୀତ ହୋଇଛନ୍ତି । ସର୍ବମୋଟ ୫୧ ଜଣ ଛାତ୍ରଛାତ୍ରୀ ୨୦୨୩-୨୪ ଶିକ୍ଷାବର୍ଷର ଜୁନିୟର ରେଡକ୍ରସ ୟୁନିଟ ରେ ସାମିଲ ହୋଇଛନ୍ତି। ପ୍ରାରମ୍ଭରେ ସ୍କୁଲର ଜେଆରସି କାଉନସିଲର ତଥା ସୁବର୍ଣ୍ଣପୁର ଜେଆରସିଓ ରବିଚନ୍ଦ୍ର ପଶାୟତ ଗତ ବର୍ଷ ୨୦୨୨-୨୩ ବର୍ଷର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଶିବୁ ସାହୁ ରାଜ୍ୟ ସ୍ତରୀୟ ଶିକ୍ଷା ଓ ତାଲିମ କ୍ୟାମ୍ପରେ ଯୋଗଦେଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ସାଧନକର୍ମୀ ହୃଷିକେଶ ଡାଙ୍ଗ, ତପସ୍ୱିନୀ ଦାଶ, ରବିନ୍ଦ୍ର ନାଥ ଦୀପ, ବିସିସି ନିମାଇ ଚରଣ ମଲ୍ଲିକ, ବରିଷ୍ଠ ଶିକ୍ଷକ ତଥା ସ୍କାଉଟ ମାଷ୍ଟର ଦୀନବନ୍ଧୁ ପ୍ରଧାନ, ଖେଳ ଶିକ୍ଷକ ପ୍ରହଲ୍ଲାଦ ଦାଶ, ସଂଜୀବ କୁମାର ପୂଜାରୀ ପ୍ରମଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ । ପରିଶେଷରେ ତନୁଶ୍ରୀ ଯୁଆଡି ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ନାଗରିକ ମଂଚ ପକ୍ଷରୁ ବୃକ୍ଷରୋପଣ ଓ ନିଶୁଳ୍କ ଶିକ୍ଷାଦାନ ଆରମ୍ଭ

କୋରେଇ, ୨୪/୦୭ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଆଜି ସଂଗଠନର ନିଜସ୍ୱ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିଲା ।ପୂର୍ବ ଘୋଷଣା କାର୍ଯ୍ୟସୂଚୀ ଅନୁଯାୟୀ ଆଜି ୯ମ ଓ ୧୦ମ ଶ୍ରେଣୀ ପିଲାମାନଙ୍କ ପାଇଁ ଏକ ନିଶୁଳ୍କ ଶିକ୍ଷାଦାନ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରାଯାଇଥିଲା ।ଉଭୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରେଇର ପୂର୍ବତନ ବିଧାୟକ ତଥା ଓଡିଶା ସରକାରଙ୍କ ମୋ କଲେଜ ଅଧ୍ୟକ୍ଷ ତଥା ସବୁଜ ସୁନ୍ଦର କୋରେଇର ସ୍ୱପ୍ନଦ୍ରଷ୍ଟା ଶ୍ରୀଯୁକ୍ତ ଆକାଶ ଦାସ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କୁ ମଂଚର ସଭାପତି ନୃସିଂହ ଚରଣ ଦଳେଇ ପରିଚାଳନା କରିଥିବାବେଳେ ସାଧାରଣ ସଂମ୍ପାଦକ ସୁରେନ୍ଦ୍ର କୁମାର ରାୟ ଅତିଥି ଙ୍କୁ ସ୍ୱାଗତ ଜଣାଇଥିଲେ। ଶିକ୍ଷାଦାନ କାର୍ଯ୍ୟକ୍ରମରେ ସହାୟତା ପାଇଁ ପ୍ରତିଶ୍ରୁତିବଧ ପ୍ରବୀଣ ଶିକ୍ଷକ ଶ୍ରୀକାନ୍ତ ଦାସ, ପ୍ରାଣକୃଷ୍ଣ ନାୟକ, ରବୀନ୍ଦ୍ର କୁମାର ପହି, ପ୍ରତାପ ଚନ୍ଦ୍ର ପହି, ବିପୁଳା ପଣ୍ଡା, କାର୍ଯ୍ୟକ୍ରମ ଉପଦେଷ୍ଟା ପ୍ରାଧାପକ ଉମାକାନ୍ତ ଖଣ୍ଡାଇ, ସୁରେନ୍ଦ୍ର କୁମାର ରାୟ ନିଜ ନିଜର ଅଭିମତ ରଖିଥିଲେ ।ଉଭୟ ଶ୍ରେଣୀରେ ୧୦ଜଣ ଲେଖାଏଁ ଛାତ୍ର ଛାତ୍ରୀ ଯୋଗଦେଇଥିଲେ। ଆସନ୍ତାକାଲି ଠାରୁ ସକାଳ୭ଘଟିକା ଠାରୁ ୯ଘଟିକା ପଯ୍ୟନ୍ତ ଶିକ୍ଷାଦାନ ବିଧିବଦ୍ଧ ଭାବେ ଚାଲୁ ରହିବ ।ଯାଜପୁର ସଦର ଥାନା ଅଧିନସ୍ଥ ସଭ୍ୟ ଓ ପାଣିକୋଇଲି ଥାନା ଅଧିନସ୍ଥ ସଭ୍ୟ ମାନଙ୍କ ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ପକ୍ଷରୁ ମିଳିଥିବା ବରିଷ୍ଠ ନାଗରିକ ପରିଚୟ ପତ୍ର ମୁଖ୍ୟ ଅତିଥି ଶ୍ରୀ ଦାଶ ବଂଟନ କରିଥିଲେ ।ଆଜିର ଏହି କାର୍ଯ୍ୟକ୍ରମକୁ ରାମଚନ୍ଦ୍ର ବେହେରା, ରଘୁନାଥ ମାଝି ,ସେକ ଜାହାଙ୍ଗିର, ମଦନ ମୋହନ ବେହେରା, ଗୋକୁଳାନନ୍ଦ ମହାରଣା, ଗୌରାଙ୍ଗ ବାରିକ, ଅଭିରାମ ବାରିକ,ବୃନ୍ଦାବନ ଜେନା, ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଓଡ଼ିଶା ଆଗୁଆ...

ନିତି ଆୟୋଗର ଜାତୀୟ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ (ଏମପିଆଇ) ରିପୋର୍ଟ ଅନୁସାରେ ଓଡ଼ିଶା ସମେତ ଦେଶର ପାଞ୍ଚଟି ରାଜ୍ୟରେ ଦାରିଦ୍ର୍ୟ ହାର ଦ୍ରୁତତର ଭାବେ କମିଛି। ଅନ୍ୟ ରାଜ୍ୟଗୁଡ଼ିକ ହେଲା ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଓ ରାଜସ୍ଥାନ। ସେହିଭଳି ପଞ୍ଚମ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ରିପୋର୍ଟରେ ଉଲ୍ଲେଖ ଜନସଂଖ୍ୟା ହାର ଅନୁସାରେ ଯେଉଁ ପାଞ୍ଚଟି ରାଜ୍ୟରେ ଦାରିଦ୍ର୍ୟ ହାର ଅଧିକ ସେ ତାଲିକାରେ ଓଡ଼ିଶା ନାହିଁ। ଏଥିରେ ବିହାର, ଝାଡ଼ଖଣ୍ଡ, ଉତ୍ତରପ୍ରଦେଶ, ମେଘାଳୟ ଓ ମଧ୍ୟପ୍ରଦେଶ କ୍ରମାନ୍ୱୟରେ ପ୍ରଥମରୁ ପଞ୍ଚମ ସ୍ଥାନରେ ରହିଛନ୍ତି।

ଏହି ସୂଚକାଙ୍କ ପାଇଁ ହେଉଥିବା ସର୍ବେକ୍ଷଣରେ ବୈଶ୍ୱିକ ପଦ୍ଧତି ବ୍ୟବହାର କରାଯାଇଥାଏ ଏବଂ ଏଥିରେ ପୁଷ୍ଟିସାଧନ, ଶିଶୁ ଓ କିଶୋର ମୃତ୍ୟୁହାର, ମା'ମାନଙ୍କର ସ୍ୱାସ୍ଥ୍ୟ, ସ୍କୁଲରେ ମୋଟ ପାଠ ପଢ଼ିଥିବା ସମୟ ଓ ଉପସ୍ଥାନ ହାର, ରୋଷେଇ ପାଇଁ ବ୍ୟବହୃତ ହେଉଥିବା ଇନ୍ଧନ, ପରିଷ୍କାର ପରିଚ୍ଛନ୍ନତା, ପାନୀୟ ଜଳ, ବିଜୁଳି, ଆବାସ, ଘରକରଣା ସାମଗ୍ରୀ, ବ୍ୟାଙ୍କ ଆକାଉଣ୍ଟସ ଆଦିକୁ ହିସାବକୁ ନିଆଯାଇଥାଏ। ନିର୍ଧନତା ବା ରୋଜଗାର ନଥିବା ଦାରିଦ୍ର୍ୟର ଏକମାତ୍ର ସଂଜ୍ଞା ନୁହେଁ। ଏହା ସହିତ ଅନେକ ପ୍ରସଙ୍ଗ ଓ କାରଣ ରହିଛି। ତେଣୁ ବହୁମୁଖୀ ଦାରିଦ୍ର୍ୟକୁ କମାଇବା ପାଇଁ ଜାତିସଂଘର ସହସ୍ରାବ୍ଦୀ ଲକ୍ଷ୍ୟ ଏବଂ ଅନ୍ୟାନ୍ୟ ଜାତୀୟ ତଥା ଅନ୍ତର୍ଜାତିକ ଯୋଜନା ଅନୁସାରେ ପଦକ୍ଷେପ ଗ୍ରହଣ କରାଯାଉଛି। ଏମ୍‌ପିଆଇ ରିପୋର୍ଟ ଅନୁସାରେ ୨୦୧୬ରୁ ୨୦୨୧ ମଧ୍ୟରେ ଭାରତରେ ବହୁମୁଖୀ ଦାରିଦ୍ର୍ୟ ୪୭% ରୁ ୪୪%କୁ ହ୍ରାସ ପାଇଛି। ୨୦୩୦ ସୁଦ୍ଧା ଏହି ଦାରିଦ୍ର୍ୟ ହାରକୁ ଜାତିସଂଘ ସହସ୍ରାବ୍ଦୀ ଲକ୍ଷ୍ୟ ଅନୁସାରେ ଏକଅଙ୍କରେ ପହଞ୍ଚାଇବାକୁ ଯେଉଁ ଉଦ୍ୟମ ଚାଲିଛି, ସେ ଦିଗରେ ପ୍ରଗତି ପ୍ରାୟ ସନ୍ତୋଷଜନକ ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ନିତି ଆୟୋଗର ନେଶନାଲ ମଲ୍ଟି ଡାଇମେନସନାଲ ପଭର୍ଟି ଇଣ୍ଡେକ୍ସ (ଏମ୍‌ପିଆଇ) ରିପୋର୍ଟ କହୁଛି ଯେ ମୁଣ୍ଡଗଣନା ଅନୁସାରେ ୨୦୧୬ରୁ ୨୦୨୧ ମଧ୍ୟରେ ଓଡ଼ିଶାର ଦାରିଦ୍ର୍ୟ ୨୯.୩୪% ରୁ ୧୫.୬୮%କୁ କମିଛି। ଏହା ନିଶ୍ଚିତ ଏକ ଉଲ୍ଲେଖନୀୟ ଉପଲବ୍ଧି ଏବଂ ଯେକୌଣସି ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ଫଳାଫଳ ପ୍ରମାଣିତ କରୁଛି ଯେ ଓଡ଼ିଶାରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟ ଠିକ୍ ବାଟରେ ଚାଲିଛି। ଅତଏବ ରାଜ୍ୟର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାରକୁ ଏଥିନିମନ୍ତେ ଶ୍ରେୟ ନିଶ୍ଚୟ ଯିବ। ସେ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସଫଳତା ସମ୍ପର୍କରେ ଟୁଇଟ୍ କରି ରାଜ୍ୟବାସୀଙ୍କୁ ଅବଗତ କରାଇଛନ୍ତି। ଏମ୍‌ପିଆଇ ରିପୋର୍ଟ ଅନୁସାରେ ଓଡ଼ିଶାର ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୂଚକାଙ୍କ ୨୦୧୬ରେ ୩୨.୬୪% ଥିବାବେଳେ ୨୦୨୧ରେ ଏହା ୧୭.୭୨%କୁ ହ୍ରାସ ପାଇଛି। ରାଜ୍ୟର ସହରାଞ୍ଚଳରେ ଏହା ଏହି ସମୟରେ ୧୨.୩୨%ରୁ ୫.୪୨%କୁ କମିଛି। ଏମ୍‌ପିଆଇ ସ୍ୱାସ୍ଥ୍ୟ, ଶିକ୍ଷା ଓ ଜୀବନଧାରଣର ମାନ ଆଦି ଉପରେ ନିର୍ଭର କରେ। କହିବା ବାହୁଲ୍ୟ ଯେ ଓଡ଼ିଶା ସରକାର ଯେଉଁ ସବୁ ଲୋକାଭିମୁଖୀ ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, ତାହାର ସୁଫଳ ମିଳୁଛି। ତା' ନହେଲେ ରାଜ୍ୟରୁ ଦାରିଦ୍ର୍ୟ ହ୍ରାସ ପାଇ ନଥା'ନ୍ତା। ଏହି ଉପଲବ୍ଧିକୁ ତୁଳନାତ୍ମକ ଭାବେ ବିଚାରକଲେ ଆମ ସଫଳତାର ଅସଲ ପରିଚୟ ମିଳିବ। ପ୍ରାୟ ଦୁଇଦଶନ୍ଧି ତଳେ ଦିନ ଥିଲା, ଓଡ଼ିଶା ଭାରତର ସବୁଠୁ ଗରିବ ରାଜ୍ୟ ଥିଲା। ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଯୋଗାଯୋଗ, ଶିଳ୍ପ ଆଦି ସବୁକ୍ଷେତ୍ରରେ ଏହା ଜାତୀୟ ତାଲିକାର ଶେଷ ସ୍ଥାନ ପାଇଁ ବିହାର ସହିତ ଏକ ଲଜ୍ଜାଜନକ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା। ଆଜି ସେ ସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି। ଓଡ଼ିଶାର ବୈଚିତ୍ର୍ୟ ଏହାର ବିବିଧ ଦାରିଦ୍ର୍ୟରେ ଏକଦା ପ୍ରତିଫଳିତ ହେଉଥିଲା। ମୋଟ ଜନସଂଖ୍ୟାର ପ୍ରାୟ ୬୦ ଭାଗ ଲୋକ ତଫସିଲଭୁକ୍ତ ଜାତି, ଉପଜାତି ଓ ଅନଗ୍ରସର ବର୍ଗର। ବନ୍ୟା, ବାତ୍ୟା ଓ ମରୁଡ଼ି ଏହି ରାଜ୍ୟର ଚିର ସହଚର ହୋଇଥିବାବେଳେ ବ୍ୟାଧି, ନିରକ୍ଷରତା, ଦାରିଦ୍ର୍ୟ, ଅଶିକ୍ଷା ଓ କ୍ଷୁଧା ଉତ୍କଟ ଥିଲା। ଅଥଚ ଏହି ରାଜ୍ୟ ପ୍ରାକୃତିକ ସମ୍ବଳରେ ଭରପୂର ଓ ଏହାର ଲୋକଶକ୍ତି ବେଶ ପରିଶ୍ରମୀ ଏବଂ କଷ୍ଟସହିଷ୍ଣୁ। ତେବେ ସେ ଯା'ହେଉ ଦୁଇଦଶନ୍ଧିର ରାଜନୈତିକ ସ୍ଥିରତା, ଦୃଢ଼ ନେତୃତ୍ୱ, ପ୍ରଚଣ୍ଡ ରାଜନୈତିକ ଇଚ୍ଛାଶକ୍ତି ତଥା ସକ୍ରିୟ ଜନସହଯୋଗ ଯୋଗୁଁ ଓଡ଼ିଶା କେବଳ ଦାରିଦ୍ର୍ୟ ଉପରେ କର୍ତ୍ତୃତ୍ୱ ବିସ୍ତାର କରି ନାହିଁ, ଲୋକଙ୍କୁ ବିବିଧ ରୋଜଗାର, ଆୟପନ୍ଥା ଓ ସୁବିଧା ସୁଯୋଗ ପ୍ରଦାନ କରି ସେମାନଙ୍କ ଜୀବନଧାରଣର ମାନ ବଦଳାଇବାରେ ସମର୍ଥ ହୋଇଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଯଥାର୍ଥରେ କହିଛନ୍ତି ଯେ ଲୋକକଲ୍ୟାଣକାରୀ ଯୋଜନା ସବୁର ସଫଳ ରୂପାୟନ ଯୋଗୁଁ ଏହା ସମ୍ଭବ ହୋଇଛି।ଅଣକୃଷି ନିଯୁକ୍ତିରେ ଅଭିବୃଦ୍ଧି ଉଭୟ ଓଡ଼ିଶା ଓ ଭାରତରେ ଦାରିଦ୍ର୍ୟ ହ୍ରାସରେ ବିଶେଷ ସହାୟକ ହେଉଛି। ଗ୍ରାମାଞ୍ଚଳରେ ଅନାବଶ୍ୟକଭାବେ ଲୋକଙ୍କୁ ଲାଭ ନଥିବା ଚାଷବାସରେ ନିୟୋଜିତ କରିବାକୁ ସୁଯୋଗ ଦିଆନଯାଇ ଆୟଥିବା ସଫଳ ପନ୍ଥା ଯୋଗାଇ ଦିଆଯାଉଛି।

# ଚୀନ ପାଇଁ ଚିନ୍ତାର ସମୟ

ସୌମେନ୍ଦ୍ର ଜେନା

ଚୀନ କଣ ତାହା ଏ ପର୍ଯ୍ୟନ୍ତ ମଧ୍ୟ ସମସ୍ତଙ୍କୁ ଜଣାନାହିଁ । ଏପରିକି ଚୀନର ନିଜ ଲୋକେ ମଧ୍ୟ ଅନେକ ବିଷୟରେ ଅଜ୍ଞ । ତାର କାରଣ ହେଲା ଚୀନ ବିଷୟରେ ଯାହା ପ୍ରଚାର କରାଯିବା ଦରକାର ସେହି ଖବର ସରକାରୀ ମିଡିଆ ମାଧ୍ୟମରେ ବାହାରକୁ ଆସେ, ଅନେକ ବିଷୟ ଅନ୍ଧକାର ମଧ୍ୟରେ ଲୁଚିଯାଏ । ଯେଉଁ ଧାରଣା ଚୀନ ବିଶ୍ୱକୁ ଦେଖାଉଥାଏ, ପ୍ରକୃତରେ ତାହା ଆଦୌ ନୁହେଁ । ତେବେ ଆମେରିକାର ଦୀର୍ଘ ଅର୍ଦ୍ଧଶତାବ୍ଦୀର ଅକୁଣ୍ଠ ସହଯୋଗ ଏବଂ ସମର୍ଥନରେ ବାଣିଜ୍ୟ, ଉତ୍ପାଦନ, ନିର୍ମାଣ, ଟେକ୍‌ନୋଲୋଜୀ କ୍ଷେତ୍ରରେ ଚୀନ ଯେପରି ବିକାଶଲାଭ କରିଛି ତାହା ପ୍ରଶଂସା ଯୋଗ୍ୟ । ୧୯୪୮ରେ ଗୋଟିଏ ବ୍ୟାଗ ମୁଦ୍ରାରେ ଗୋଟିଏ ବ୍ୟାଗର ପରିବା କିଣୁଥିବା ଚୀନର ଅବସ୍ଥା ଆଜି ପୃଥିବୀର ବହୁ ଦେଶଠାରୁ ଢେର ଭଲ । ବିଦେଶୀ କମ୍ପାନୀମାନଙ୍କର ଦଶନ୍ଧି ଦଶନ୍ଧିର ପୁଞ୍ଜିନିବେଶ, କାରଖାନା ସ୍ଥାପନ, ବହୁଳ ଉତ୍ପାଦନକୁ ଆଧାର କରି ବିଗତ ବର୍ଷମାନଙ୍କରେ ଚୀନ ନିଜ ଦେଶରେ ଲୋକମାନଙ୍କୁ ରୋଜଗାର ସୁବିଧା ଦେବା ସହ ପ୍ରତିବର୍ଷ ଟ୍ରିଲିଅନ ଟ୍ରିଲିଅନ ଲାଭ କରି ନିଜକୁ ବିଶ୍ୱର ଦ୍ୱିତୀୟ ଆର୍ଥିକ ମହାଶକ୍ତି ଭାବେ ସ୍ଥାପନ କରିବାକୁ ସକ୍ଷମ ହୋଇପାରିଛି । ସମୟ ଏପରି ହୋଇଛି ଯେ ଯେଉଁ ଆମେରିକାର ଅର୍ଥରେ ଚୀନ ଶକ୍ତିଶାଳୀ ହୋଇଛି ସେହି ଆମେରିକା ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଛି, କଟକଣାର ସାମ୍ନା କରିବାକୁ ପଡୁଛି । ଫଳରେ ଆର୍ଥିକ ଦୃଷ୍ଟିରୁ ଅନେକ କ୍ଷତି ସହିବାକୁ କେବଳ ପଡୁନାହିଁ, ଦିନକୁ ଦିନ ଅଧିକରୁ ଅଧିକ କଳକାରଖାନା, ବାଣିଜ୍ୟିକ ପ୍ରତିଷ୍ଠାନ କ୍ରମଶଃ ବନ୍ଦ ହେବାରେ ଲାଗିଛି । ବିତ୍ତଶାଳୀମାନେ ବିଦେଶୀ ଶିକ୍ଷାନୁଷ୍ଠାନରେ ପାଠପଢାଇବାକୁ ଯାଇ ନିଜ ସଂସ୍ଥାକୁ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ସମ୍ବିଧାନ ସଂଶୋଧନ କରି ଦଳପକ୍ଷରୁ ସମର୍ଥନ ଲାଭ କରି ଏବେ ଅନେକ ବର୍ଷ ଯାଏଁ ରାଷ୍ଟ୍ରପତି ହେବାକୁ ଯାଉଥିଲା ବେଳେ ତେଣେ ଦେଶ ଭିତରେ ରାଷ୍ଟ୍ରପତି ଏବଂ କମ୍ୟୁନିଷ୍ଟ ପାର୍ଟି ଜନପ୍ରିୟତା ହରାଇବାରେ ଲାଗିଛି । ଦଳର ଲୋକେ ସଦସ୍ୟତା ଛାଡିବାରେ ଲାଗିଛନ୍ତି । ରୁଷିଆ ପରି ଚୀନରେ ଲୋକେ ଦଳକୁ ବିରୋଧ ବଢିବାର ଆଶଙ୍କା ନିଜେ ଜିନପିଙ୍ଗ୍ ପ୍ରକାଶ କରିଛନ୍ତି । ଭାରତ ସହ ସୀମାବିବାଦ, ଆମେରିକା ସହ ବାଣିଜ୍ୟିକ ବିବାଦ, ୟୁରୋପର ଦେଶଗୁଡିକସହ ନୀତିଗତ ବିବାଦ, ଦକ୍ଷିଣପୂର୍ବ ଏସିଆର ଦେଶଗୁଡିକ ସହ ଜଳସୀମାର ବିବାଦକୁ ନେଇ ଚୀନ ଚାପରେ ରହିଛି । ଆନ୍ତର୍ଜାତିକ ସ୍ତରରେ ଭାରତର ଶକ୍ତିଶାଳୀ କୂଟନୀତିକ ଗୋଟିଚାଳନା, ଆମେରିକାର ନାଲିଆଖି ଏବଂ ୟୁରୋପ ରାଷ୍ଟ୍ରଗୁଡିକର ଦୁର୍ବଳ ସହଯୋଗ ଯୋଗୁ ଚୀନର ଆର୍ଥିର ସଙ୍କଟ ବଢିବାରେ ଲାଗିଛି । ଆଲିବାବାର ମାଲିକ ଜ୍ୟାକ ମା ସରକାରଙ୍କ ଚାପରେ ନିଜ ସଂସ୍ଥା ଏବଂ ବ୍ୟବସାୟ ପାଇଁ ସୁବିଧା ନପାଇ ବିଦେଶୀ ପିଲାଙ୍କୁ ପାଠ ପଢାଇବାକୁ କିମ୍ବା ଭାଷଣ ଦେବାକୁ ଯାଉଛନ୍ତି । ଏଣେ ଦେଶ ଭିତରେ ଆର୍ଥିକ ଅନୁଷ୍ଠାନଗୁଡିକ ଚାପଗ୍ରସ୍ତ ହେବାରେ ଲାଗିଛନ୍ତି । ଆର୍ଥିକ ବିକାଶ ପାଇଁ ଇଣ୍ଡୋନେସିଆ ଏବଂ ଭିଏତନାମ ପରି ଦେଶ ଚୀନ ଛାଡୁଥିବା କମ୍ପାନୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛନ୍ତି । ସାଂଘାଇ,ଗ୍ୱାଙ୍ଗଝାଉ ପରି ସମୃଦ୍ଧ ସହରଗୁଡିକରେ ଆଭ୍ୟନ୍ତରୀଣ ସମସ୍ୟା କ୍ରମଶଃ ବଢିବାରେ ଲାଗିଛି ।

ଏକଥା ସତ ଯେ ସାମ୍ୟବାଦୀ ମାଓ ସେ ତୁଙ୍ଗଙ୍କର ସମାଜବାଦୀ ନୀତି ବଦଳରେ ତାଙ୍କ ପରେ ଶାସନକୁ ଆସିଥିବା ଡେଙ୍ଗ୍ ଜିଆଓପିଙ୍ଗ୍ ହିଁ ପ୍ରଥମ ବ୍ୟକ୍ତି ଯିଏକି ଆମେରିକାର ପୁଞ୍ଜିବାଦୀ ଅର୍ଥନୀତିକୁ ଗ୍ରହଣ କରି ଆମେରିକା ସହ ବନ୍ଧୁତା ସୁଦୃଢ କରି ଚୀନର ବାଣିଜ୍ୟକୁ ରପ୍ତାନୀ ଆଧାରିତ କରିବାକୁ ସକ୍ଷମ ହୋଇଥିଲେ । ତାଙ୍କ ସମୟରେ ଚଉଡା ସଡକ, ଦୀର୍ଘ ରେଳପଥ, ଆକାଶଛୁଆଁ ଅଟ୍ଟାଳିକା, ବାଣିଜ୍ୟିକ ପୋତ ନିର୍ମାଣ, ବନ୍ଦରଗୁଡିକର ବିକାଶ ପରି ଅନେକ କାର୍ଯ୍ୟ ସଫଳତା ସହ ହୋଇଥିଲା । କିନ୍ତୁ ବ୍ରିଟେନ ହାତରୁ ହଂକଂକୁ ଚୀନ ନିଜ ହାତକୁ ନେବା ପରେ ବିଦେଶୀ ପୁଞ୍ଜିନିବେଶ ବଢିବାକୁ ଲାଗିଲା । ହଂକଂର ଅର୍ଥ ଚୀନ ଭଣ୍ଡାରକୁ ଆସିଲା । ବିଗତ ୨୫ବର୍ଷରେ ହଂକଂ ଚୀନର ସର୍ବବୃହତ୍ ନିବେଶକାରୀ ହୋଇଥିଲେ ହେଁ ବିକାଶ ଦୃଷ୍ଟିରୁ ୧୯୯୭ରେ ୧୮.୪% ସ୍ତରରୁ ଖସି ୨୦୨୨ ବେଳକୁ ୨.୧ ପ୍ରତିଶତକୁ ଆସିଯାଇଛି । ବିକ୍ରି ଏବଂ ଟିକସ ହେଉଛି ହଂକଂର ମୁଖ୍ୟ ଆୟ । ଅଳ୍ପ ଟିକସ ଆଦାୟ ନୀତିକୁ ଗ୍ରହଣ କରି ବିଶ୍ୱର ଠକ ବେପାରୀଙ୍କୁ ନିମନ୍ତ୍ରଣ କରିଥାଏ । ଫଳରେ ଟିକସରୁ ବଞ୍ଚିବା ପାଇଁ ବହୁ ବିଦେଶୀ କମ୍ପାନୀ ହଂକଂରେ ନାମକୁ ମାତ୍ର ଅଫିସ ଖୋଲି ସେଠାରୁ ହିଁ ରପ୍ତାନୀ କରିଥାନ୍ତି । ହଂକଂରେ କମ୍ପାନୀ ପଞ୍ଜିକରଣ ପାଇଁ ସ୍ଥାନୀୟ ବାସିନ୍ଦା ହେବା ଆବଶ୍ୟକ ନାହିଁ । ଏହାର ସୁଯୋଗରେ ବହୁ ଚୀନା ଲୋକ ସାରା ପୃଥିବୀରୁ ସାଇବର ଠକେଇ ମାଧ୍ୟମରେ ପ୍ରଥମେ ଅର୍ଥ ହଂକଂକୁ ଆଣିବା ପରେ ଚୀନରେ ନିବେଶ କରିଥାନ୍ତି । ଚୀନ ସରକାର ମଧ୍ୟ ଏପ୍ରକାର ଚୋରୀକୁ ପ୍ରୋତ୍ସାହନ ଦେଇଥାନ୍ତି । ଅପରପକ୍ଷେ ଦେଖିଲେ ଚୀନରେ ସବୁଠୁ ଅଧିକ ହଂକଂର ନିବେଶ ରହିଛି । ୨୦୨୨ରେ ଚୀନକୁ ଆସିଥିବା ବିଦେଶୀ ନିବେଶରୁ ୭୦ଭାଗ କେବଳ ହଂକଂର ରହିଛି। ଏଥିରୁ ଚୀନରେ ହଂକଂର ଅଂଶକୁ ଜାଣିହେବ । ହଂକଂ ଦ୍ୱୀପର ଜନସଂଖ୍ୟା ୭୬ଲକ୍ଷ ମଧ୍ୟରେ ଥିଲାବେଳେ ମୁଣ୍ଡପିଛା ଆୟ ୫୨,୪୨୯ ଡଲାର ରହିଛି । ମୋଟ ଆୟର ୯୩.୭ ପ୍ରତିଶତ କେବଳ ସେବା କ୍ଷେତ୍ରରୁ ଆସୁଛି । ଅର୍ଥାତ୍ ସାରା ବିଶ୍ୱର ରପ୍ତାନୀ କାଗଜପତ୍ରରେ ହଂକଂରୁ ହୋଇଥାଏ । ଏତେ ବିକାଶ ସତ୍ତ୍ୱେ ୨୦ ପ୍ରତିଶତ ହଂକଂବାସୀ ଏବେ ମଧ୍ୟ ଦାରିଦ୍ର୍ୟ ମଧ୍ୟରେ ରହିଛନ୍ତି। ଏଥିରୁ ଜାଣିହେବ ଯେ ହଂକଂକୁ ଚୀନ ହାତକୁ ନେବା ପରଠାରୁ ଏକ ପ୍ରକାର ସବୁ ଅର୍ଥ ନିଜ ଦେଶକୁ ନେଉଛି । ହଂକଂରେ ଚୀନ ନିଜର ଏକ ସରକାରଙ୍କୁ ବସାଇଛି । ସାଇବର ଠକେଇ ମାଧ୍ୟମରେ ବିଶ୍ୱରୁ ସଂଗୃହୀତ ଅର୍ଥ ହଂକଂକୁ ଆସି ପରେ ଚୀନକୁ ଯାଉଛି । କହିବାକୁ ଗଲେ ବିଶ୍ୱର ସର୍ବାଧିକ ଚୋରୀ ଅର୍ଥ ଚୀନ ହିଁ ପାଉଛି ।

୫ ଜୁନ୍ ୨୦୨୩ ଦିନ ସାଂଘାଇର ପୁକ୍ସିଂ ମିଡିଲ ରୋଡରେ ଛିଡା ହୋଇ ଜଣେ ସ୍ଥାନୀୟ ରିୟଲ ଇଷ୍ଟେଟ ବ୍ୟବସାୟୀ ନିଜ ସହରର ପ୍ରକୃତ ଦୃଶ୍ୟକୁ ସୁଟିଂ କରି ଛାଡିବା ପରେ ଗୋଟିଏ ଦିନରେ ସେହି ଭିଡିଓକୁ ୫କୋଟି ଲୋକ ଦେଖିଲେ । ଫଳରେ ସରକାର ବାଧ୍ୟ ହୋଇ ଭିଡିଓଟିକୁ ହଟାଇ ଦେଲେ । ସେଥିରେ ସେ ସହରର ମୁଖ୍ୟ ସଡକର ଦୁଇ କଡରେ ଥିବା ଘରଗୁଡିକ ଦେଖାଇଲେ, ଯାହାସବୁ ବନ୍ଦ ଥିଲା । ଏକଦା ସେହି ଘରଗୁଡିକରେ ପୃଥିବୀର ବଡ ବଡ କମ୍ପାନୀର ଲୋକେ ଭଡାରେ ରହୁଥିଲେ । ଏବେ କେହି ସେହିସବୁ ଘରେ ରହୁନାହାନ୍ତି । ବିଶ୍ୱର ଶ୍ରେଷ୍ଠ ୫୦୦ କମ୍ପାନୀର ଅଧିକାରୀମାନେ ସାଂଘାଇ ଛାଡି ଯିବାପରେ ତାର ପ୍ରଭାବ ସ୍ଥାନୀୟ ବଜାର ଉପରେ ପଡିଛି । ସାଂଘାଇର ତିନୋଟି ଡିପାର୍ଟମେଣ୍ଟ ଷ୍ଟୋର କମ୍ପାନୀ ଜିଉବାଇ, ଜୁଜିଆହୁଇ, ନିଉୱାର୍ଲଡରେ ବିଗତ ଦିନରେ ବିକ୍ରି ଯଥେଷ୍ଟ କମିଯାଇଛି । ଜିଉବାଇ ୩୦.୫୧ ପ୍ରତିଶତ, ଜୁଜିଆହୁଇ ୨୨.୩୩ ପ୍ରତିଶତ ଲାଭ ହରାଇଛନ୍ତି । ଗତବର୍ଷ ୨୦୨୨ରେ ଚୀନରେ ୧୦ଲକ୍ଷ ୯୪ହଜାର କମ୍ପାନୀ ଅଣପଞ୍ଜିକୃତ ହୋଇ ବ୍ୟବସାୟ ଛାଡିଛନ୍ତି । ପୂର୍ବଚୀନର ଗ୍ୱାଙ୍ଗଡିଙ୍ଗ ପ୍ରଦେଶର ଡୋଙ୍ଗୁଆନ ସହର ବିଶ୍ୱର ବଡ କମ୍ପାନୀମାନଙ୍କ କେନ୍ଦ୍ର । ସହରର ସବୁଠୁ ବଡ ପୋଷାକ ଉତ୍ପାଦକ ଡୋଙ୍ଗୁଆନ ଗୋଗୋ ଗାର୍ମେଣ୍ଟସ ୧୦ ଜାନୁଆରୀ ୨୦୨୨ଦିନ ସବୁଦିନ ପାଇଁ କମ୍ପାନୀକୁ ବନ୍ଦ କରିଦେଲା । କୋରୋନାରେ ଶୂନ୍ୟ ପ୍ରତିଶତ ନୀତି ଏବଂ ଲକ୍‌ଡାଉନରେ ବିକ୍ରି ହ୍ରାସ ଯୋଗୁ କୋପୋ ଇଲେକ୍‌ଟ୍ରୋନିକ୍ସ କମ୍ପାନୀ ବନ୍ଦ ହେଲା, ଯାହା ବିଶ୍ୱର ୫୦୦ ଫର୍ଚ୍ଚୁନ କମ୍ପାନୀ ମଧ୍ୟରେ ଥିଲା ଅନ୍ୟତମ । କମ୍ପାନୀରେ ପ୍ରାୟ ୬୦୦୦ କର୍ମଚାରୀ କାର୍ଯ୍ୟ କରୁଥିଲେ। ଚୀନରେ ଆନ୍ତର୍ଜାତିକ ଏବଂ ଘରୋଇ ବରାଦରେ ହ୍ରାସ ଇ-କମର୍ସ କ୍ଷେତ୍ରରେ ଦେଣ-ନେଣ ଅସୁବିଧା, ଉତ୍ପାଦନ କ୍ଷେତ୍ରରେ ଯୋଗାଣର ଅସୁବିଧା ଦେଖାଦେଇଛି। ଆମେରିକା, ତାଇୱାନ ଏବଂ ଜାପାନ ପରି ବଡ ଅର୍ଡର ପ୍ରଦାନକାରୀଙ୍କ ବରାଦ ପ୍ରାୟତଃ ବନ୍ଦ ହେବା ସ୍ଥିତିକୁ ଆସିଯାଇଛି । ଡୋଙ୍ଗୁଆନ ପରି ପର୍ଲ ନଦୀର ତ୍ରିକୋଣଭୂମି ଅଞ୍ଚଳରେ ଏବଂ ଗ୍ରେଟର ବେ ଅଞ୍ଚଳରେ ମଧ୍ୟ ସମାନ ସ୍ଥିତି ଦେଖାଦେଇଛି । ଗ୍ରେଟର ବେ ଅଞ୍ଚଳର ହୁଇଝାଉ, ଡୋଙ୍ଗୁଆନ, ଝାଓଗିଙ୍ଗ, ଫୁସାନ, ସେନ୍‌ଝେନ୍, ଝାଙ୍ଗସାନ, ମାକାଉ, ହଂକଂ ଆଦି ସହରରେ ମଧ୍ୟ ବାଣିଜ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି । ଚୀନରେ ବୟସ୍କ ଜନସଂଖ୍ୟାରେ ବୃଦ୍ଧି ଦର ଏବଂ ଗତିରେ ହ୍ରାସ ଯୋଗୁ ଉତ୍ପାଦନ ହ୍ରାସ ପାଇଛି । ବେତନହାର ୨୦ ପ୍ରତିଶତ ଇତି ମଧ୍ୟରେ ବଢିଛି, ଯାହାଫଳରେ ଶସ୍ତାଦରରେ ଉତ୍ପାଦନ ସମ୍ଭବ ହେଉନାହିଁ । ସେମିତି ବଜାରରେ କ୍ୟାମେରା ଶିଳ୍ପ ୭.୮ ପ୍ରତିଶତ, ଟେଲି ଯୋଗାଯୋଗ ଉପକରଣ ୫.୦ପ୍ରତିଶତ, ମୋଟର ସାଇକେଲ ଉତ୍ପାଦନ ୪.୫ ପ୍ରତିଶତ, ଯୋଗାଯୋଗ ଉପକରଣ ୪.୫ ପ୍ରତିଶତ, କୋଇଲା ଆଧାରିତ ଉତ୍ପାଦ ୪.୨ ପ୍ରତିଶତ ହ୍ରାସ ପାଇଛି ।

ଆମେରିକାର କଟକଣା ଯୋଗୁ ଚୀନକୁ ଟେକ୍‌ନୋଲୋଜୀ ହସ୍ତାନ୍ତରଣରେ ଅସୁବିଧା ଯୋଗୁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି । ଚୀନର ବାଣିଜ୍ୟିକ ନୀତିରେ ଅସ୍ଥିରତା ଯୋଗୁ ପରିବହନରେ ଅସୁବିଧା ହୋଇଛି । ଚୀନର ପଡୋଷୀ ରାଷ୍ଟ୍ରଗୁଡିକରେ ଶସ୍ତା ଶ୍ରମଶକ୍ତି ଯୋଗୁ ଅନେକ କମ୍ପାନୀ ଚୀନରୁ ବାହାରି ଚାଲିଯାଉଛନ୍ତି । ନକଲି କରିବାରେ ଚୀନ ବଜାର ଓସ୍ତାଦ ହୋଇଥିବା ହେତୁ ଅନେକ ବଡକମ୍ପାନୀଙ୍କ ମଡେଲକୁ ପରିବର୍ତ୍ତନ କରି ଚୀନା କମ୍ପାନୀ ବିକ୍ରି କଲେ ମଧ୍ୟ ବୌଦ୍ଧିକ ସ୍ୱତ୍ୱ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇନଥାଏ । ନାଇକ୍, ଆଡିଡାସ ପରି କମ୍ପାନୀ ସେଥିପାଇଁ ଚୀନରୁ ଭିଏତନାମକୁ ଚାଲିଆସିଲେ । ଯାନବାହନ ନିର୍ମାଣ କ୍ଷେତ୍ରରେ ମେକ୍ସିକୋ ଏବଂ ବ୍ରାଜିଲ ଏବେ ଆକର୍ଷଣର କେନ୍ଦ୍ର ହୋଇଛନ୍ତି । ସେମିତି ଆପଲ କମ୍ପାନୀ ଚୀନରୁ ଭାରତକୁ ଉତ୍ପାଦନ କେନ୍ଦ୍ର ବଦଳାଇଛି । ଚୀନର ପଡୋଶୀ ଥାଇଲାଣ୍ଡ ମଧ୍ୟ କମ୍ପାନୀମାନଙ୍କୁ ଆକର୍ଷିତ କରି ୧୯.୭ ପ୍ରତିଶତ ରପ୍ତାନୀ ବୃଦ୍ଧି କରିଛି । ଇଣ୍ଡୋନେସିଆ ବିଦେଶୀ କମ୍ପାନୀମାନଙ୍କୁ ଚୀନପରି ସୁବିଧା ଦେବାଲାଗି ଜାଭା ଦ୍ୱୀପରେ ୧ବିଲିଅନ ଡଲାର ଖର୍ଚ୍ଚରେ ଇଣ୍ଡଷ୍ଟ୍ରିଆଲ ପାର୍କର ନିର୍ମାଣ କରୁଛି । ତେଣୁ ଏକଦା ଯେଉଁ ଦେଶସବୁ ଚୀନରୁ ଆମଦାନୀ କରୁଥିଲେ ଏବେ ସେମାନେ ନିର୍ମାଣକାରୀ ଦୌଡରେ ରହି ଚୀନର ପ୍ରତିଦ୍ୱନ୍ଦ୍ୱୀ ହୋଇ ଛିଡା ହୋଇଛନ୍ତି । ଦକ୍ଷିଣଚୀନ ସାଗର ଦ୍ୱନ୍ଦ୍ୱ ପରଠାରୁ ଏହି ଦେଶଗୁଡିକ ଚୀନଠାରୁ ବିଶ୍ୱାସ ହରାଇବା ପରେ ନିଜେ ସଶକ୍ତ ହେବାର ପ୍ରୟାସ କରୁଛନ୍ତି । ଜର୍ମାନୀ ଚୀନ ଉପରୁ ନିର୍ଭରଶୀଳତା ହ୍ରାସ କରିବାକୁ ଇଚ୍ଛାପ୍ରକାଶ କରି ଭାରତ

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

# ସ୍ଲିପ୍ ଡିଭୋର୍ସ

ଡାକ୍ତର ସମ୍ରାଟ କର

ବହୁଦିନ ପରେ ସୁଦୂର କାଲିଫର୍ଣ୍ଣିଆରୁ ଦେବଦତ୍ତ ବାବୁ ଫୋନ କଲେ। ତାଙ୍କ ସାନ ଭାଇଙ୍କର ଏକ ଦାମ୍ପତ୍ୟ ଜୀବନର ସମସ୍ୟା ନେଇ ସେ ମୋ ସହିତ କଥା ହେଲେ। ମୁଁ ତାଙ୍କୁ ସବିଶେଷ ପଚାରିବା ପରେ ସେ କହିଲେ ସାନ ଭାଇର ପ୍ରେମ ବିବାହ ହୋଇଛି। କିନ୍ତୁ ମୁଁ ଲକ୍ଷ୍ୟ ରଖୁଛି ସେ କିଛି ଦିନ ହେଲା ରାତିରେ ଶୋଇଲା ବେଳେ ସେ ଏକଲା ଡ୍ରଇଂ ରୁମରେ ଶୋଉଛି। କାଳେ କୌଣସି ମାନସିକ ସମସ୍ୟା ଥିବ ଭାବି ମୁଁ ତୁମର ସାହାଯ୍ୟ ଟିକେ ନେବା ପାଇଁ ଚାହୁଁଛି। ମୁଁ ତାଙ୍କୁ ଏଥିନେଇ ବ୍ୟସ୍ତ ନ ହୋଇ ଧୈର୍ଯ୍ୟ ଧରିବା ପାଇଁ କହିଲି ଏବଂ ଏହା ସେତେବଡ଼ ମାନସିକ ସମସ୍ୟା ନୁହେଁ ବୋଲି ତାଙ୍କୁ ଆଶ୍ୱସ୍ତ କରି ଭାଇଙ୍କ ସମ୍ବନ୍ଧରେ କିଛି ବ୍ୟକ୍ତିଗତ ଖବର ପଚାରି ବୁଝିଲି। ଏହା ପଛରେ ନିଶ୍ଚିନ୍ତ ଦାମ୍ପତ୍ୟ ତିକ୍ତତା ରହିଛି ବୋଲି ଜଣାଇ ମୁଁ ତାଙ୍କୁ କହିଲି ଦିନ ସାରା କାମ କରିବା ପରେ ସମସ୍ତେ ରାତିରେ ଶାନ୍ତିରେ ଶୋଇବାକୁ ଚାହାନ୍ତି। କିନ୍ତୁ ଯଦି ଶୋଇବା ସମୟରେ ଆପଣଙ୍କ ନିଦ କୌଣସି କାରଣ ପାଇଁ ଭାଙ୍ଗୁଥାଏ ନିଶ୍ଚୟ ଚିଡ଼ିଚିଡ଼ା ଲାଗେ। ଏହା ସେତେବେଳେ ହୋଇଥାଏ ଯେତେବେଳେ ଜଣକର ଶୋଇବାର ଶୈଳୀ ଯୋଗୁଁ ଆଉ ଜଣେ ଶୋଇପାରେ ନାହିଁ। ସେତେବେଳେ ସେ ଅଲଗା ଶୋଇବାକୁ ଚେଷ୍ଟା କରିଥାନ୍ତି। ଏହି ସମସ୍ୟା ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଅଧିକ ଦେଖିବାକୁ ମିଳିଥାଏ। ମନସ୍ତତ୍ତ୍ୱବିତଙ୍କ ମତରେ ଏକ ସୁସ୍ଥ ଶାରୀରିକ ସମ୍ପର୍କ ବିକାଶ କରିବା ପାଇଁ ସୁଖଦ ନିଦ୍ରାର ମଧ୍ୟ ପ୍ରୟୋଜନ ଥାଏ। କିନ୍ତୁ ବେଳେ କିଛି ପରିସ୍ଥିତି କାରଣରୁ ସ୍ୱାମୀ ସ୍ତ୍ରୀଙ୍କୁ ଅଲଗା ଶୋଇବାକୁ ପଡ଼ିଥାଏ। ଏହି ପରିସ୍ଥିତିକୁ କୁହାଯାଇଥାଏ ସ୍ଲିପ ଡିଭୋର୍ସ। ଏହାଦ୍ୱାରା ଜଣେ ଶୋଇବା ସମସ୍ୟାରୁ ମୁକ୍ତି ପାଇଥାଏ ଏବଂ ପ୍ରତିଦିନ ଝଗଡ଼ା ହେବା ବଦଳରେ ସକାଳୁ ତାଜା ଅନୁଭବ କରିଥାଏ। ସ୍ଲିପ ଡିଭୋର୍ସର ଅର୍ଥ ନୁହେଁ ପୁରସ୍କର ଠାରୁ ଅଲଗା ହୋଇଯିବା। ଏକାଠି ଗୋଟିଏ ଛାତ ତଳେ ରହି ବି ସେମାନେ କେବଳ ଶୋଇବା ସମୟରେ ଭିନ୍ନ ଭିନ୍ନ କୋଠରୀରେ ଶୋଇଥାନ୍ତି। ପରିସ୍ଥିତି ହିସାବରେ ସ୍ଲିପ ଡିଭୋର୍ସ ଅଧିକ ଦିନ କିମ୍ବା କିଛି ଘଣ୍ଟା ପାଇଁ ମଧ୍ୟ ହୋଇପାରେ। ଆମେ ସମସ୍ତେ ଜାଣିଛେ ଏକ ସୁସ୍ଥ ଜୀବନଶୈଳୀ ପାଇଁ ଭଲ ନିଦର ଆବଶ୍ୟକତା ଥାଏ। କିନ୍ତୁ ବେଳେ ବେଳେ ଜଣକର ଶୋଇବାର ଅଭ୍ୟାସ ଅନ୍ୟ ଜଣର ନିଦକୁ ଖରାପ କରିଥାଏ। ସ୍ଲିପ ଡିଭୋର୍ସର ମାନେ ନୁହେଁ ଯେ ସ୍ୱାମୀ ସ୍ତ୍ରୀର ସମ୍ପର୍କ ପ୍ରଭାବିତ ହେବା। ଅଲଗା ଅଲଗା ଶୋଇବା ଦମ୍ପତିଙ୍କର ବ୍ୟକ୍ତିଗତ ପସନ୍ଦ। ଏହା ବାସ୍ତବରେ ସେହି ସମୟକୁ ବୁଝାଇଥାଏ ଯେତେବେଳେ ଜଣେ କିଛି ଘଣ୍ଟା ବିନା କାହାର ହସ୍ତକ୍ଷେପରେ ଭଲରେ ଶୋଇବାକୁ ଚାହେଁ। ଯଦି ଜଣକର ନିଦ୍ରାଭ୍ୟାସ ସହିତ ଅନ୍ୟ ଜଣେ ଆପୋଷ ବୁଝାମଣାରେ ସ୍ଲିପ ଡିଭୋର୍ସକୁ ବିକଳ୍ପ ରୂପେ ବାଛିବା ଭୁଲ ନୁହେଁ। କିନ୍ତୁ ଏହା ଦୀର୍ଘସ୍ଥାୟୀ ହେବା ମଧ୍ୟ ବେଳେ ବେଳେ ସଂପର୍କ ଉପରେ ଖରାପ ପ୍ରଭାବ ପକାଇପାରେ ବୋଲି ମନେ କରାଯାଏ।

+ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ୍,
କଟକ,
ମୋ : ୯୧୩୨୪୩୩୩୩୩




## ଟୁପୁ ଟୁପୁ ମେଘ ଭାରି ଫୁଲେଇ

ଅନିତା ରାୟ

ଟୁପୁ ଟୁପୁ ମେଘ ଭାରି ଫୁଲେଇ ସେ
ସଂଜ ହେଲେ କାନ ଡେରେ
କିଏ ଦେଲା ତାକୁ ମୋ ଠିକଣା ଖୋଜି
ନାଇଁ ମୁହିଁ ବୁଝି ପାରେ ।

ମନ କଥା ସବୁ କହିଥିଲି ବୋଲି
ମନକୁ ପର କରିଲି
କଣ୍ଟା କୁସୁମରେ ଶ୍ରାବଣୀ ମେଘକୁ
ଅଗଣାକୁ ଡାକି ଦେଲି ।

ତଉଭଙ୍ଗ ଏଇ ହୃଦୟ କୋଠରୀ
ପ୍ରୀତିର ଛାଉଣୀଟିଏ
ନିବିଡତାରେ ମୁ ଯାହା ଆଙ୍କି ଦେଲି
ଲିଭେଇବ ତାକୁ କିଏ ।

ସଜାଡି ରଖିବା ସହଜ ନୁହଁଇ
ତଥାପି ସଜାଡ଼ି ଥିଲି
ସଜାଡୁ ସଜାଡୁ କେମିତି ଭାଙ୍ଗିଲା
ପବନକୁ ପଚାରିଲି ।

କେତେ ସୁନ୍ଦର ଏ ଶ୍ରାବଣର ବର୍ଷା
ଟିପି ଟିପି ଝରି ଯାଏ
ଫୁଲ ପାଖୁଡ଼ାର ସବୁଜ ପତରେ
ତା 'ଭିଜିଲା ଓଠ ଛୁଏଁ ।

ଶିହରଣ ଫଟା ମାଟିର ଶେଯଟି
ଲାଜେ ଯେବେ ଓଦା ହୁଏ
ବରଷାର ସବୁ ପ୍ରୀତି ଉପହାର
ତା 'ଦେହରେ ଖେଳି ଯାଏ ।

+ଡୁମୁଡୁମା ହାଉସିବୋର୍ଡ କଲୋନୀ
ମୋ: ୭୯୭୮୯୭୯୫୩୬

## ସାହିତ୍ୟ ସମ୍ରାଟ

ଧ୍ରୁବ ଚରଣ ବେହେରା



କାବ୍ୟ ଆକାଶର ହେ ବୀର ପୁଙ୍ଗବ
ସାହିତ୍ୟର ମହାଜ୍ୟୋତି
ତୁମ ପ୍ରତିଦାନେ ଓଡିଆ ସାହିତ୍ୟେ
ଝଟକଇ ସଦା ମୋତି ।

ରସ ହାରାବଳୀ ବ୍ରହ୍ମାଣ୍ଡ ସୁନ୍ଦରୀ
ପଦ୍ମାବତୀ ପରିଣୟ
ତାଳ ଛନ୍ଦେ ତାର ଜିଣେ କୋଟିମନ
ଶୁଣି ରଖୁଥିଲେ ଲୟ ।

କଳା କୌତୁକ ପ୍ରେମ ସୁଧାନିଧି
ସୁଭଦ୍ରା ପରିଣୟରେ
ମଧୁର ରସର ସୁଗନ୍ଧିତ ଛନ୍ଦ
କେତେ ଜନ ମନ ହରେ ।

ରସପନ୍ଥା ନାମ ଗୀତା ଅବିଧାନ
ଚିର ସୃଜନର ଧାରା
ରଚି ଦେଇଗଲ ମହା ଶବ୍ଦ କୋଷ
ଲାଗଇ ଜୀବନ୍ତ ତୋରା ।

ଓଡିଆ ସାହିତ୍ୟ ଜୀବନ ପାଇଲା
ତୁମରି ସୃଷ୍ଟି ଆଦରେ
ଅନେକ ଜ୍ଞାନର କଳାକାର ତୁମେ
ମହାକାବ୍ୟ ଅଧିକାରୀ ।

ରାଜପୁତ୍ର ହୋଇ ସୃଜନ ଶକ୍ତିରେ
ସଦା ଭରିଥିଲ ମନ
ଭଞ୍ଜପୁଅ ନାମେ ବିଖ୍ୟାତ ହୋଇଲ
ଦେଇ କାବ୍ୟ ଅବଦାନ ।

ତୁମ ଜନ୍ମ ମାଟି ବାସେ ମହ ମହ
ମିଠା ଭାଷା ପ୍ରେମ ଭରି
ସତ୍ୟ ଅବଦାନ ବର ପୁତ୍ର ଥିଲ
ହେ ରାଜା ଲେଖନୀ ଧାରୀ ।

ତୁମର ସୃଷ୍ଟିର ସାହିତ୍ୟ ମଳୟ
ବହୁଅଛି ପୁର ପଲ୍ଲୀ
ସମ୍ରାଟ୍ ତୁମେ ହେ ସାରସ୍ୱତ ବୀର
ପାରୁନୁ ତୁମକୁ ଭୁଲି ।

ସଂସ୍କାର ସଂସ୍କୃତି ରାଗ ଛନ୍ଦ ଲୟେ
ଲେଖି ଦେଲ ମନ କଥା
ଝରି ପଡୁଅଛି ସ୍ମୃତି ଧାରା ନେଇ
ଲାଗୁଛି କାବ୍ୟ କବିତା ।

ଫୁଟାଇ ପାରିଛ କଳ୍ପନାରେ ତୁମେ
ପଥର ଦେହରେ ପଦ୍ମ
ଯେତେ ପଢୁଥିଲେ ମାନେ ନାହିଁ ମନ
କୋମଳ ପଣେ ଉତ୍ତମ ।

ସୁନ୍ଦର ମାଟିର ସୁପୁତ୍ର ପୁଙ୍ଗବ
କାବ୍ୟର ଉପେନ୍ଦ୍ର ଭଞ୍ଜ
ସମ୍ରାଟ ମନିଷୀ ଜ୍ଞାନୀ ମହାଜ୍ଞାନୀ
ତୁମେ ଓଡିଆର ଗର୍ବ ।

ତୁମ ଗଉରବ ଓଡିଆ ସାହିତ୍ୟ
ଅକ୍ଷୁର୍ଣ୍ଣ ଜ୍ଞାନର ମୁଣି
କି ଲେଖିବି ମୁହିଁ ତୁମ ପାଇ ଶ୍ରେଷ୍ଠ
ମୋତେ ତ ଶବ୍ଦ ଆସେନି ।

ତୁମ ଚରଣରେ ପ୍ରଣିପାତ କରେ
ହୃଦୟରେ ଭକ୍ତି ଭରି
ସାହିତ୍ୟ ସମ୍ରାଟ୍ ସାମ୍ରାଜ୍ଞ ମାନବ
ସାରସ୍ୱତ ପାଟ ଧାରୀ ।

ତୁମପାଇଁ ଏହି ଗଞ୍ଜାମ ମାଟିରେ
ଫୁଲ ଫୁଟି ମହକଇ
ଭ୍ରମର ବେଣୁରେ ପ୍ରଭାତର ଶୋଭା
ଆହାକି ରଙ୍ଗ ବର୍ଷଇ ।

ତୁମ ଲେଖନୀର ଅମୃତ ରାଗରେ
ପକ୍ଷୀର କାକଳୀ ଭରା
ବସନ୍ତରେ ଶୁଭେ କଳକଣ୍ଠନାଦ
ଲାଗେ ବଡ ଆତ୍ମହରା ।

ଘେନିବ ଆମର ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି
ମହାନ୍ ଶ୍ରେଷ୍ଠ ସାଧକ
ତୁମେ ମଣି ମୁକ୍ତା ଅମୂଲ୍ୟ ଭାଷାର
ଅମର ହେ ଉପାସକ ।

ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪



## ମୋ ପ୍ରିୟ ସହର

ମନୋରଞ୍ଜନ ଦାଶ

ଇଏ ମୋ ଆତ୍ମିକ ସହର
ଅନେକ ଫୁଲ ମୁଁ ତୋଳିଚି ଏଇଠି,
ସହି କଣ୍ଟାର ପରଶ ।
ମୋ ସଂଘର୍ଷର ଉର୍ବର ମାଟି ଇଏ ।
କୃତଜ୍ଞତାର ଆଘାତ ପାଇଲେ ବି
ଉଚ୍ଛ୍ୱସିତ ପ୍ରଶଂସା
ମୋର ସଂପତ୍ତି, ଏଇଠି ।
ଅନେକ ସ୍ମୃତି ହଜିଚି ମୋର ,
ସବୁକୁ ସାଇତିଚି ମୋ ଛାତିରେ।
ଛଳନା ମୋତେ ଯନ୍ତ୍ରଣା ଦେଲେ ବି
ମୁଁ ଶିଖୁଚି ଅନେକ କଥା.....
ମାତ୍ରାଧିକ ଭାବପ୍ରବଣତାକୁ
ଆୟତ୍ତ କରିପାରୁନି..
ମୋ ସରଳପଣ ପାଇଁ ଲୁହକୁ ପିଉଚି
ନୀରବରେ ସମ୍ଭାବନାର ଚାଦର
ଘୋଡ଼େଇ ହୋଇ
ଅଦୃଶ୍ୟରେ ଆକାଶରେ
ତାରାମାନଙ୍କ ମେଳରେ ହଜିଯାଇଥିବା
ମୋ ବୋଉକୁ ଖୋଜୁଛି ଓ ଝୁରୁଛି ।

+ପ୍ରଭାବତୀ ନିଳୟମ୍,ବେଲତଳ,
ପଟ୍ଟାମୁଣ୍ଡାଇ,କେନ୍ଦ୍ରାପଡ଼ା
ମୋ: ୯୪୩୭୩୧୭୭୨୨

## ମଣିଷ ହେଲିନି ବୋଧେ

### ତାରାପ୍ରସାଦ ଜେନା



ଲୁହ ସିନା କା'ର ଦୁଇଧାର ବୋହେ ମୋ ଲୁହ ଦରିଆ ବୋହେ
ଦୁଃଖର ଉଜାଣି ଏମିତି ଉଠୁଛି ମରିବା ଲାଗୁଛି କୋହେ ।
ଆଖିଥାଇ ଆଜି ଭଲ ଦେଖୁନାହିଁ ମନ୍ଦର ହାବୁଡ଼େ ପଡ଼ି
ଆଠଘଡ଼ି ମୋର କେମିତି କଟୁଛି ଜାଣୁନି ସଳଖ ଧାଡ଼ି ।

ଦରଦୀ କାହାକୁ ବାଛିବାର ବେଳ ସରି ମୋ ଗଲାଣି ପଛେ
ସତ ଦେଉଳରେ ପଶି ବାହାରିଲି ହାବୁଡ଼ି ଯାଉଛି ମିଛେ ।
ସୁଖ ସରଗକୁ ନିଶୁଣୀ ମୋ ନାହିଁ ଅଧାରେ ଅଟକି ଯାଏ
ସ୍ୱପ୍ନ ମୋର ସବୁ ତାସ୍ ଘର ପରି ଭୂମିରେ କଚାଡୁଥାଏ ।

ନିରୀହ ପଣକୁ ବନ୍ଧା କରି ଆଉ ବଢ଼ାଇ ହେଉନି ଧନ୍ଦା
ହସ ଯେତେ ଥିଲା ଓଠୁ ଲିଭିଗଲା ଆବୋରି ବସିଛି ମାନ୍ଦା ।
ଦୋଷ ଦେଇ ହେଲେ ଗୁଣ ଖୋଜିବାର ବିଚାର ଚାଲୁନି ଆଜି
ଆକୁଳ ତୃଷାକୁ ମୃଗତୃଷ୍ଣା ସିନା ଆଶାର କ୍ଷଣିକ ରାଜି ।

ନିଜର ଭିତରେ ନିଜକୁ ଚିହ୍ନୁନି, ମଣିଷ ହେଲିନି ବୋଧେ
ଲୁହ କାଳେ ଲହୁ ନିଗାଡ଼ି ପଡୁଛି, ଜୀଇବା ଅଧିକ ବାଧେ !


ରାଜ ରଣପୁର, ଜିଲ୍ଲା - ନୟାଗଡ଼, ପିନ୍-୭୫୨୦୨୬
ମୋ: ୯୩୪୮୦୫୪୩୦୦


## ବେଡି ଉପରେ କୋରଡା

### ଇଂ.ବିଦ୍ୟାଧର ପଣ୍ଡା



ମହଙ୍ଗା ମାଡରେ ଚୁନା ହାଡଗୋଡ
ସରକାର ବୁଝ ଦୁଃଖ
ହଜାର ହଜାର କୋଟି  ଖର୍ଚ୍ଚପରେ
ଛାତକଣା ଏବେ ଦେଖ
ଫାଇଭ୍‌ଟି ବୋଲି ଇସ୍କୁଲ ନାମରେ
ସ୍ୱାହା କଲ ଯେତେକୋଟି
ଛାମୁଆଁ ନେତାଏ ମିଶିମାସି ସବୁ
କରିଦେଲେ ବଂଟାବଂଟି
ସଚିବ ଉଡନ୍ତି ଆକାଶ ମାର୍ଗରେ
ପାଣିରେ କି ଚଲେ ଯାନ !
କେତେ ଉପଯୋଗୀ ଏସବୁ ଯାତ୍ରାର
ବୁଦ୍ଧିଜୀବୀ ହତଜ୍ଞାନ
ଶିକ୍ଷିତ ଯୁବକ ବେକାର ବୁଲନ୍ତି
ହାତକୁ ନପାଇ କାମ
ଚୋରି ଡକାୟତି ଧନ୍ଦାରେ ସେ ମାତି
ପିଇଲେଣି ହୁସ୍କି ରମ
କଳକାରଖାନା ନ ବସେଇ ତୁମେ
ମନ୍ଦିରରେ ଖର୍ଚ୍ଚ କର
ଅବୁଝା ରଜାକୁ ପାଳଚୁଂଟା ମନ୍ତ୍ରୀ
ମିଡିଆ ସବୁ ନିଜର
ଟମାଟୋ ପାଇଁକି ଛାଡପତ୍ର ହୁଏ
ସାଲାଡ ପାଇଁ ଝଗଡା
ଅଭାବେ ସ୍ୱଭାବ ନଷ୍ଟଭ୍ରଷ୍ଟ ଯାଏ
ବେଡି ଉପରେ କୋରଡା ।


+ ସର୍ବେଶ୍ୱର ସେବା ଟ୍ରଷ୍ଟ
ଖ-୧୭/୧୫, ପଂଚଶଖା ନଗର,
ଭୁବନେଶ୍ୱର-୭୫୧୦୧୯
ମୋ: ୯୧୨୪୦୧୩୩୭୭


## ତୁମକୁ ଭିଜେଇ ଦେବି

### ଦିବାକର ନାୟକ



ତୁମେ ଛାତ ପରେ ଥିବ
ମୋ' କଥା ବି ଭାବୁଥିବ
ଆକାଶରୁ ଆସି ବରଷି ଯିବି
କୁଆଁରୀ କାଉଁରୀ ଦେହ
ବାସୁଥିବ ମହମହ
ତାଳୁରୁ ତଳିପା ଭିଜେଇ ଦେବି ।

ପଢୁଥିବ ବସି ପ୍ରଣୟ ବଲ୍ଲରୀ
କାହାଣୀରେ ନିଜେ ମଜି
ଲାବଣ୍ୟବତୀର କମନୀୟ ରୂପେ
ନାୟିକାଟେ ଥିବ ସାଜି

କରିଦେବି ଆନମନା
କରି ପାରିବନି ମନା
ପ୍ରୀତି ମହ୍ଲାରରେ ମଜେଇ ଦେବି ।

ତୁମକୁ ଷୋଡ଼ଶୀ ଦେଖିଲେ ପୁଲକେ
ନ ଝରିବ କୋଉ ମେଘ
ନାହିଁ ନାହିଁ ସିନା କରୁଥିବ ହେଲେ
ବଢୁଥିବ ଅନୁରାଗ

ଚପଳା ଝଲସୁଥିବ
ଅସନୀ ଗରଜୁଥିବ
ଡରିଗଲେ ତୁମେ କୋଳେଇ ନେବି ।


+ ପାଟପୁର, କନିସି, ଗଞ୍ଜାମ
ମୋ : ୯୯୩୮୬୧୯୯୮୧


## ସ୍ୱପ୍ନ

### ପ୍ରଦୀପ୍ତ କୁମାର ମିଶ୍ର

ସ୍ୱପ୍ନ ଦେଖିବାଭଲ କିନ୍ତୁ ଗହମ ନିଦ୍ରାରେ ନୁହେଁ
ହସିବା ଭଲ କିନ୍ତୁ ବୁଭୁକ୍ଷୁ ନିକଟରେ ନୁହେଁ।

କଥାକହିବା ଭଲ କିନ୍ତୁ ନବୁଝିବା ଦର୍ଶକ ନିକଟରେ ନୁହେଁ
ଶ୍ରଦ୍ଧା କରିବା ଭଲ କିନ୍ତୁ ମନ ବୁଝୁନଥିବା ପାଖରେ ନୁହେଁ।

ଅନେକ ଭଲ ବେଳେ ବେଳେ ଖରାପ ହୋଇଯାଏ
ଅନେକ କଥା ବେଳେ ବେଳେ ପିତା ଲାଗେ,
ଅନେକ ସପନ କେବେବି ଧରା ଦିଏନି ଏମିତି
ଅନେକ ପ୍ରେମ ପାଣିଚିଆ ହୋଇଯାଏ।

କିଏକହେ ଏହା କଳିଯୁଗର ଭ୍ରମ,ମିଥ୍ୟା କହିବା ଭଲ
ଥୋକେ କହନ୍ତି ଧୃତରାଷ୍ଟ୍ର ଅବା ଗାନ୍ଧାରୀ ହେବା ଉଚିତ,
ନିଜେ ଚୁପରୁହ କାନ ଖୋଲାକରି ତମେ ଦେଖୁନ
ଆକାଶ ସାଗର ସମସ୍ତେ ସେହିପରି ଚୁପ
ନଚେତ ଅଯଥା ସ୍ୱପ୍ନ ହଜିଯିବ ତମ ଚାରିପାଖରେ।


+ ଯାଜପୁର
ମୋ: ୯୬୫୮୬୧୪୭୨୮


## ମୌସୁମୀ ଆସିଲେ

### ପ୍ର. ଗିରିଜା ଶଙ୍କର ଶର୍ମା



ନିଦାଘ ପରେ ଆଜି ମୌସୁମୀ ଆସିଲା
ଚୁମିଗଲା ଧରିତ୍ରୀର ପାଣ୍ଡୁର ଶରୀର।
ଅନେକ ଦିନପରେ ବିଦେଶରୁ ଫେରିଥିବା
ପ୍ରିୟତମ ପରି।

ଗ୍ରୀଷ୍ମର ପ୍ରବାହରେ ଏଥର ସମସ୍ତେ
ସନ୍ତାପିତ।
ଚଢ଼େଇ ଚିରଗୁଣିମାନେ
ଟୋପାଏ ପାଣିପାଇଁ ଖେଦି ଯାଆନ୍ତି
ସାରା ଆକାଶ।
ଶୁଖିଲା ଥଣ୍ଟରେ
କେତେ ବା ଗାଇବେ ଗୀତ।
ଯେତେ ଯାହା କଲେ ବି ତୃଷା ଅପ୍ରମିତ।

ପଡ଼ିଆର ତୃଣ ଗୁଳ୍ମ ଯେତେ
ସମସ୍ତେ ଜୀବନ ହାରିଛନ୍ତି ଏଥର।
ଅନେକ ଥର ଜଳି ଯାଇଛି
ତାଙ୍କ ଶୁଖିଲା ପତ୍ର ଓ ଡାଳ।
ନିଷ୍ଠୁର ଲୋକଙ୍କ ଖାମ ଖିଆଲରେ।
ଜଳହୀନ ନିଦାଘ ନିଷ୍ଠୁର।

କେବେ ବର୍ଷା ହେବ ?
କେବେ ଦେଖାଦେବ କଳାହାଣ୍ଡିଆ ମେଘ ?
କେବେ ସିକ୍ତ ହେବ ଧୂସରିତ ଧରା।

ଏଇ ଚିନ୍ତାରେ ଗଡ଼ିଚାଲେ
ଦିନ ପରେ ଦିନ।
ପାଣିପାଗର ସୂଚନାରେ
ଘୁଞ୍ଚିଯାଏ ମୌସୁମୀ ଆସିବା ତାରିଖ।
କ୍ଳାନ୍ତ ଆଖି ହାଲିଆ ହୁଏ ସିନା
ମୌସୁମୀ ଆସେନା।

ମରିଚୀକା ଯେତେ ଦୂରକୁ ଘୁଞ୍ଚିଲେ ବି
ଆଶା ମରେନା। ବିଶ୍ୱାସ ହୁଏନି
ଆକାଶ କେବେ ଭୁଲିଯିବ ତା ପ୍ରିୟ
ପୃଥିବୀକୁ।
ମେଘରୁ କେବେ ଖସିବନି ବିନ୍ଦୁ ବିନ୍ଦୁ
ବାରି।
ବିଶ୍ୱାସ ହୁଏନି ଉତ୍ତପ୍ତ ମେଦିନୀ କେବେ
ଶାନ୍ତ ହେବନି ତା ପ୍ରିୟ ସ୍ପର୍ଶରେ।
ପିନ୍ଧିବନି ସବୁଜ ଶାଢି ଶ୍ରାବଣ ମାସରେ।

ଅନେକ ଆଶଙ୍କା ଭିତରେ,
ମୌସୁମୀ ଆସେ
ନିଦାଘ ଲୁଚିଯାଏ ମେଘର କୃଷ୍ଣ
କବରୀରେ।

ସନ୍ତାପିତ ଜୀବନରେ
ଖେଳିଯାଏ ଉନ୍ମାଦନା
ଏବେ ପଲ୍ଲବିତ ହେବ ପାଦପ
ସବୁଜ ରଙ୍ଗରେ ରଂଜିତ ହେବ ପୃଥିବୀ
ବର୍ଷା ତ ଜୀବନର ସ୍ରୋତ
ତା ବିନା କି ସଂଭବ ଏ ଧରା
ପାଣିରେ ଜୀବନ ଥାଏ।
ପାଣିବିନା ଅସଂଭବ ଜୀବନ ଯାତରା।


ଧାନକରଡ଼ା, ସମ୍ବଲପୁର- ୭୬୮୦୦୬
ମୋ: ୮୯୧୭୪୯୪୦୯୫


## ମରମ ତଳର ବ୍ୟଥା

### ସୁଧାକର ରାଉତ



ପ୍ରବହମାନ ଅବିରତ ଜୀବନରେ
ହୃଦୟଟା ଫୁଲ ବନ
କେବେ ନିଦାଘରେ ତାପରେ ସିଝଇ
କେବେ ଆର୍ଦ୍ର କରେ ଘନ ।

କେବେ ସ୍ରୋତସ୍ୱିନୀ ସାଜି କୁଳୁକୁଳୁ
ନାଦ କରି ଯାଏ ବହି
କୂଳଖାଇ କେବେ ଭୟଙ୍କର ରୂପେ
ନିୟନ୍ତ୍ରଣ ମାନେ ନାହିଁ ।

ଅଦିନରେ ଇନ୍ଦ୍ରଧନୁ ସାତରଙ୍ଗ
ମନରେ ଦିଅଇ ନେସି
ଶ୍ରାବଣର ଧାରା ଛୁଟାଏ ଆଖିରୁ
ଲୁଟିନେଇ ସବୁ ଖୁସି ।

ଗଙ୍ଗଶିଉଳି ର ମହକକୁ କେବେ
ସାଇତି ରଖଇ ତୋଳି
କେବେ ପୁଣି ଶୂନ୍ୟ ଆକାଶରେ ପୁଣି
ଝୁଲାଏ ଜୀବନ ଦୋଳି ।

ପାପ ପୁଣ୍ୟର ସପ୍ତସ୍ୱରେ ହୃଦ
ଗାଏ ଆପଣାର ଗୀତି
ଅନ୍ଧାର ଆଲୋକ ର ଯୋଗ ବିୟୋଗ
ଅନୁତାପେ ହୁଏ ଇତି ।

ସମୁଦ୍ରର ଗଭୀରତାର ସନ୍ତକ
ଚିହ୍ନାଏ ସେ ଭଲ କରି
କେବେ ଅଗଭୀର ଜଳରାଶି ମଧ୍ୟେ
ଛଳନାରେ ଦିଏ ମାରି ।

ମୋ ହୃଦୟ ମୋର ଅତି ଆପଣାର
ନାନା ମହକରେ ଭରା
ଛିଣ୍ଡିପଡିଥିବା ବୁଢ଼ୀଆଣି ଜାଲେ
ସିଏ ମୋ ଆଶାର ତାରା ।


ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨


## ସଂସାର ଜୈବସାର

### ଆନନ୍ଦ କୁମାର ମାଇତି



ସେଦିନୁ ଆମେ ଦୁହେଁ ଯୁଦ୍ଧ ଲଢୁଛୁ।

ଏ ଯୁଦ୍ଧର ଅବସାନ ବି ଘଟିବ ଆଉ
ଆମେ ଦୁହେଁ ଅବ୍ୟାହତି ବି ନେବା ଏ
ଯୁଦ୍ଧରୁ।

ଏ ଯୁଦ୍ଧରେ ଆମେ ବିଜୟୀ ହେଲେ
ଗୋଟେ ଗୋଲାପ ବଗିଚା ତିଆରି ହେବ।

ହୁଏତ ସେ ସୁନ୍ଦର ବଗିଚା ତିଆରି ହେବା
ଆଗରୁ
ଆମେ ହଜି ଯିବୁ, ଲିଭିଯିବୁ
ତେବେବି ତମର ଆମର ମିଶି ଯୁଦ୍ଧ ଲଢ଼ିବୁ
ଦୁନିଆରେ ଗୋଲାପବନ ଟେ ପାଇଁ
ସନ୍ତୁଳା ସନ୍ତୁଳି ହୋଇ ଜୀର୍ଣ୍ଣ ହେବୁ।

ଦୁନିଆ ସରହଦରେ ଗୋଲାପ ଫୁଟେଇବୁ
ଲାଲ୍ ଲାଲ୍ ରଙ୍ଗର ଗୋଲାପରେ
ଆମ ରକ୍ତ ବୋଲି
ପିନ୍ ପିନ୍ କଣ୍ଟାରେ ନିଆଁ ଯୋଖି
ପ୍ରିୟତମା ! ଆମେ ଦୁହେଁ ହୁଏତ
ମିଶିଯିବୁ ମାଟି ଦେହରେ।

ତେବେବି ଯୁଦ୍ଧ ଲଢିବୁ
ଦୁନିଆ ମୁହଁରେ
ଗୋଲାପ ବଗିଚା ତିଆରି ପାଇଁ
ମାଟିରେ ମିଶି ଜୈବସାର ହେଇ
ଉର୍ବର ଗୋଲାପ ଫୁଟାଇବୁ
ଗୋଲାପ ଗୋଲାପ ସାରା ଦେଶ ହେବ
ତୁମ ଆମ ଜୈବ ସାରରେ।
ହୁଏତ ତୁମେ ଆଉ ମୁଁ ଥିବୁ
ଅନେକ ଦୂରରେ
କେଉଁ ଅଜଣା ଅନ୍ଧକାରରେ, ଭିନ୍ନ ଏକ
ଦୁନିଆରେ।


ଏରସମା, ଜଗତସିଂହପୁର


## ମଣିପୁର...

### ସୁରଞ୍ଜନ ପାତ୍ର



ଆଉ ଦେଖିବାକୁ ନପଡୁ
ମଣିପୁର ଆଖିରେ ଲୁହ
ଯାହା ହେଲା ବହୁତ ହେଲା
ଏବେ ନିଆଁକୁ ଆୟ   କରାଯାଉ
ବନ୍ଦ ହେଉ ଦଙ୍ଗା
ନଗ୍ନ ଦେହରେ ଢଙ୍କା ଯାଉ ବସ୍ତ୍ର।

ଆରୋପ ପ୍ରତ୍ୟାରୋପରେ
ରାଜରାସ୍ତା ନ ଦେଖୁ
ଭାରତର ଅବଶିଷ୍ଟ ଦେହ
ଉଦୟ ହେଉ ଶାନ୍ତିର ସୂର୍ଯ୍ୟ
କୁଳୁକୁଳୁ ବହୁ ପାହାଡ଼ି ଝରଣା
ପକ୍ଷୀ ସବୁ ଫେରନ୍ତୁ ନୀଡ଼କୁ
ବିଭୁକ୍ଷୁ ଜନତାକୁ ମିଳୁ ମୁଠେ ଭାତ।

ଅସ୍ତ୍ର କେବେ ଶାନ୍ତି ଦେଇଛି ନା'
ଦେଇଛି ମୁକ୍ତି
ଅସ୍ତ୍ର କେବେ ତ୍ରିରଙ୍ଗା ଧରେଇଛି ନା'
ଶୁଣେଇଛି ଜାତୀୟ ସଙ୍ଗୀତ।

ସବୁ ପୋଡ଼ି ନାରଖାର ହେଲା ପରେ
ଆଉ କେଉଁ ଖୁସି ବା ିବ ମାଟି
ମାଟିକୁ ଗେଲ କରାଯାଉ
ମା'କୁ ସମ୍ମାନ ଦିଆଯାଉ
ଫଳାଯାଉ ମୁକ୍ତା
ସ୍ୱପ୍ନକୁ ସାଇତି ରଖି ଲେଖାଯାଉ
କାଲି ପାଇଁ
ପୁଣ୍ୟର କବିତା।

ଯୁଗେ ଯୁଗେ ଧ୍ୱଂସ ହୋଇଛି
ନାରୀ ପାଇଁ ସୁବର୍ଣ୍ଣ ସାମ୍ରାଜ୍ୟ
ଆକାଶେ ଚରି ଯାଇଛି ବିନାଶ ବାଦଲ
ଯେଉଁଠୁ ଉପୃ ି ବିଶ୍ୱ
ତା'କୁ ଟିକେ ସ୍ନେହଦିଅ ମମତା ଦିଅ
ତା'କୁ ଟିକେ ସଜାଇ ଦିଅ
ପଦ୍ମ ପାଖୁଡ଼ାରେ ।

ସକାଳକୁ ବର୍ଚ୍ଛାମାରି କିଏ ଦେଖିଛି
ସଞ୍ଜର ଆବେଗ
ଫୁଲକୁ ଛିଣ୍ଡାଇ କିଏ ସେ ବଢ଼ାଇଛି
ବଗିଚାର ଶୋଭା।


ଶାଗୁଣା ଥ  ରେ ରକ୍ତାତ ନହେଉ
ଦେଶ ମାନଚିତ୍ର
କାଗଜ ବାଘର ନଖରେ
ଲାଲ ନହେଉ ସଭ୍ୟତାର ଛାତି।

ଆସ ଟିକିଏ ପ୍ରେମ ଦିଅ
ଟିକିଏ ଖୁସି ଦିଅ
ପୁଣି ଥରେ ହସୁ ମଣିପୁର ମାଟି।


ସଂପାଦକ-ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ,ଶିଙ୍ଗାଖୁ  ।, ସୋର
ବାଲେଶ୍ୱର -୭୫୬୦୪୫
ମୋ - ୮୧୧୭୮୦୫୯୫୯


## ଏକଲା ବାଟୋଇ

### ଅନୁରାଧା ମିଶ୍ର



ଚାଲିବାକୁ ଆରମ୍ଭ କରିବା ଦିନଠୁଁ
ବୁଝିଥିଲି ସାଙ୍ଗରେ ଥିବା ଲୋକମାନେ
ଜଣ ଜଣ କରି ବଦଳାଇ ବେ ବାଟ
ଦୁଃଖ ବାଧ୍ୟ ହେବ ହଜି ଯିବାକୁ
କିଛି ଅବିରତ ଦୀର୍ଘ ଶ୍ୱାସ ଅଥବା
ଅବାରିତ ଅଶ୍ରୁ ଧାରରେ
ମନର ସବୁଜିମାକୁ ବାରମ୍ବାର
ଧ୍ୱସ୍ତ ବିଧ୍ୱସ୍ତ କରିବାକୁ କିଏ ବା
କାହିଁକି ଚାହିଁବ ଯେ ?

ଅଥଚ ବାଟସାରା ଭେଟ ହୁଏ
ନୀତି, ଆଦର୍ଶ, ନ୍ୟାୟ, ବିବେକ
ଏମାନେବି ଖୁବ୍ ଆଶ୍ୱାସନାର ଛାଇ ହୋଇ
ଟାଣି ନିଅନ୍ତି ବୟସକୁ
ଆୟୁଷର ସୀମା ତଥାପି ଅନେକ ଦୂର
ଆଉ ଅଗୋଚର
ଏବେ ଆତ୍ମା ବରଂ କାକୁସ୍ଥ ହୁଏ
ପରସ୍ତ ପରସ୍ତ ପ୍ରାଚୁର୍ଯ୍ୟରେ

ଦେହ କିନ୍ତୁ ସୁଦର୍ଶନ ରହିବାଟା ଅନିର୍ବାର୍ଯ୍ୟ
ନହେଲେ ନିଜକୁ ବିକ୍ରି କରିବା କଷ୍ଟ
ପ୍ରଦର୍ଶନର ହାଟରେ
ବାଟ ମଣିଷଙ୍କ ସହ ଘନିଷ୍ଠତା ଗଭୀର
ନିଦ୍ରାରେ ସ୍ୱପ୍ନର କୁହୁକ ନଗରୀକୁ
ପରିକ୍ରମା କରି ଆସିବା ପରି
ନିଦ ଭାଙ୍ଗିଲେ ସବୁ ମିଛ ଅଥଚ
ଜମିରହେ ବେଶ୍ କିଛି ଦିନ
ଗୋଟେ ମିଠା ଆସ୍ତରଣ
ବାଟୋଇର ମାନସ ପଟରେ

ପାଦରେ କଣ୍ଟା ଫୁଟେ ରକ୍ତ ଛୁଟେ
ଶୋଷରେ ତଣ୍ଟି ଶୁଖେ
ସୁଖ ଟିକେ କିଣିବାକୁ ସଞ୍ଚିଥିବା ଧନକୁ
ବିଶ୍ୱାସୀ ବିଷ ବିଞ୍ଚି ଲୁଟେ
ନିଃସ୍ୱ ହେଲା ପରେ ଯାଇ
ସେ ଏଥର ମନ ଖୋଲି ହସେ
ପାଗଳର ଉପାଧିଟେ ଦିଅନ୍ତି
ନିକଟତମ ମାନେ
ସାରା ଜୀବନ
ରୁଣ୍ଡେଇ ଥିବା ସ୍ନେହ ସୌହାର୍ଦ୍ଦ୍ୟର
ଆବର୍ଜନାକୁ ଗଣ୍ଠିଲି ଭଳି ମନ,
ହୃଦୟରେ ଲଦି
ଚାଲୁଥାଏ ଏକଲା ବାଟୋଇ... !


+ ସପନପୁର, ଦେବୀଦ୍ୱାର, ଯାଜପୁର
ମୋ: ୭୦୦୮୧୩୩୧୭୪


## ପ୍ରଣୟ ପତ୍ର

### ପ୍ରଣତି ଆଚାର୍ଯ୍ୟ ମିଶ୍ର



ପହିଲି ପ୍ରେମର ପ୍ରଥମ ପତ୍ରକୁ
ଖୋଲିଲି ସପନେ ଯେବେ
ପୁଲକିତ ହେଲା ହୃଦୟ ଦୁଆର
ଲୁଚିଲା ଶୀତାଂଶୁ ନଭେ ।

ପ୍ରମୋଦିତ ମନ ପ୍ରୀତି ଚନ୍ଦ୍ରମଲ୍ଲୀ
ପେଖନା ମଳୟ ଛୁଇଁ
ପଟ୍ଟବସ୍ତ୍ର ପିନ୍ଧି ପୁନେଇ ଜହ୍ନଟା
ଖୋଜୁଅଛି ନିଳକଇଁ ।

ପ୍ରଧୂମିତ ପ୍ରେମ ପଲ୍ଲବୀତ ହେଲା
ପୁନରପି ପ୍ରତିଶୋଷ
ପାହୁଲେ ପାହୁଲେ ବିଜନ ବେଳାରେ
ପ୍ରୀତିଲଗ୍ନା ପ୍ରିୟ ବେଶ ।

ପାଟବଂଶୀ ଇନ୍ଦୁ ପାନ୍ଥଶାଳା ପାଖେ
ପିରତୀ ପିଆଲା ଧରି
ପ୍ରୀତି ପର୍ଣ୍ଣା ଢାଳେ ପୂର୍ଣ୍ଣମୀ ତିଥିରେ
ପ୍ରେମେ ପ୍ରବଞ୍ଚନା କରି ।

ପୁଷ୍ପବାଣ ପରି ପ୍ରେମର ପୁଲକ
ପ୍ରତିଛାୟା ପ୍ରାଣ ଛୁଏଁ
ପାଗଳ ପ୍ରେମୀକ ଚୋରି କରି ନେଲା
ପୁଳିନ ପାଖରେ କିଏ ।

ପ୍ରଣୟିନୀ ନିଶି ପାହିଗଲା ଯେବେ
ପତ୍ରିକା ରହିଲା ଅଧା
ପୁଳିନ୍ଦା ଭିତରେ ରହିଲା ପୀରତି
ପ୍ରଭଞ୍ଜନ ଦେଲା ବାଧା ।

ପୁନଃ ମିଳନର କଥା ଦେଇଅଛି
ପତ୍ରିକା ପ୍ରେମିକ ହସି
ପ୍ରୀତି ଚୋରା ପ୍ରେମ ପତିଆରା ଧରି
ପଲକରେ ଦେବ ଲେସି ।


ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୬୪୨୯୪୭

# ଡିଅରପାର୍କରୁ 'ସମ୍ବଲପୁର ଚିଡ଼ିଆଖାନା', ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରୁ ନାଁ ବଦଳାଇଲା ବନ ବିଭାଗ



ସମ୍ବଲପୁର, ୨୪/୦୭ (ନି.ପ୍ର): ମୋତିଝରଣସ୍ଥିତ ଡିଅର ପାର୍କର ନାଁକୁ ପରିବର୍ତ୍ତନ କରାଯାଇଛି। ଏହାର ନାଁ ପୂର୍ବରୁ 'ଡିଅର୍ ପାର୍କ ଓ ବନ୍ୟଜନ୍ତୁ ସଂରକ୍ଷଣ କେନ୍ଦ୍ର ଥିବା ବେଳେ ଏବେ ରାଜ୍ୟ ସରକାରଙ୍କ ବନ ବିଭାଗ 'ସମ୍ବଲପୁର ଚିଡ଼ିଆଖାନା ଓ ଉଦ୍ଧାର କେନ୍ଦ୍ର ଭାବେ ନାମିତ କରିଛି। ୧୯୮୦ ମସିହାରେ ଏହା ପ୍ରତିଷ୍ଠା କରାଯାଇଥିଲା। ଏହା ୧୩ ହେକ୍ଟର ଅଞ୍ଚଳରେ ରହିଥିବା ବେଳେ ଗତବର୍ଷ ୪ ହେକ୍ଟର ଜାଗାରେ ଉଦ୍ଭିଦ ଉଦ୍ୟାନ ମଧ୍ୟ ଖୋଲା ଯାଇଛି। ସେଠାରେ ବିଭିନ୍ନ ପ୍ରଜାତିର ୬୦୦୦ରୁ ଅଧିକ ଗଛ ଲଗାଯାଇଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏହାର ନାଁ ପରିବର୍ତ୍ତନ କରାଯାଇଥିବା ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ୨୭ଟି ଏନ୍‌କ୍ଲୋଜର ଓ ୧୫ ପ୍ରଜାତିର ୩୩୩ଟି ପ୍ରାଣୀ ଅଛନ୍ତି। କଲରାପତରିଆ, ଭାଲୁ, ଚଉସିଙ୍ଗା, ଅଜଗର, ମୟୂର ଆଦି ରହିଥିବା ବେଳେ ସର୍ବାଧିକ ୧୨୩ଟି ହରିଣ ଓ ୪୧ଟି ସମ୍ବର ଅଛନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏଠାରେ କାଫେଟେରିଆ, ପିଇବା ପାଣି, ଶୌଚାଳୟ, ପାର୍କିଂ ସୁବିଧା କରାଯାଇଛି।

# ସଂଜୀବନୀ ପରାମର୍ଶ ଶିବିର

ଝାରସୁଗୁଡ଼ା, ୨୪/୦୭ (ନି.ପ୍ର): ବିବାହ ବୟସ ପୂର୍ବରୁ ଗର୍ଭଧାରଣ ଜନିତ ସାମାଜିକ, ଶିକ୍ଷାଗତ, ଆର୍ଥିକ ତଥା ସ୍ୱାସ୍ଥ୍ୟଗତ ସମସ୍ୟା ଆଦି ପାଇଁ ଆୟୋଜିତ ସଚେତନତା ଶିବିରରେ ହିତାଧିକାରୀ ଦମ୍ପତିମାନଙ୍କୁ ପରାମର୍ଶ ପ୍ରଦାନ କରାଯିବା ସଂଗେ ସଂଗେ ବିଭିନ୍ନ ସରକାରୀ ସେବା ସୁନିଶ୍ଚିତ କରୁଥିବା ବିଭାଗ ସହ ସଂଯୋଗୀକରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେଙ୍କ ବିଶେଷ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ସଂଜୀବନୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ କିର୍ମିରା ବ୍ଲକ କାର୍ଯ୍ୟାଳୟଠାରେ ଆୟୋଜିତ ଏହି ଶିବିରରେ ଅଠର ଜଣ ଦମ୍ପତିଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା, ନିରାପଦ ମାତୃତ୍ୱ ପାଇଁ ଆନୁଷ୍ଠାନିକ ପ୍ରସବ, ପ୍ରସୂତିକାଳୀନ ଯତ୍ନ, ନବଜାତ ଶିଶୁମାନଙ୍କର ଯତ୍ନ, ଟୀକାକରଣ ଓ ଗର୍ଭଧାରଣ ପାଇଁ ବ୍ୟବଧାନ ସମ୍ପର୍କରେ ସଚେତନତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି। ଜୀବନ ଜୀବିକାର ମାନ ବୃଦ୍ଧି ପାଇଁ ସଚେତନତା ଅବଲମ୍ବନ ସହ ବୈବାହିକ ଜୀବନରେ ସ୍ଥିରତା ଆଣିବା ସକାଶେ ମନୋସାମାଜିକ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟ କୁମାର ନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଲାମଣି ପଟେଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୂର୍ଣ୍ୟବତୀ ହେଲେନ ଖେସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ, ଡାକ୍ତର ସୁପ୍ରଭା ବାରିକ, ସିଡିପିଓ ସଂଧାରାଣୀ ସାହୁ, ଜିଲ୍ଲା ସଂଯୋଜକ (ବାଲ୍ୟବିବାହ) ପାତବାସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନୁରୂପ ଭାବେ ସଚେତନତା ଶିବିର ଲଇକେରା ବ୍ଲକରେ ଚଳିତ ଜୁଲାଇ ମାସ ୨୦ ତାରିଖରେ, ବ୍ରଜରାଜନଗର ରେ ଅଗଷ୍ଟ ୬, ଝାରସୁଗୁଡ଼ା (ପୌରାଂଚଳ) ରେ ଅଗଷ୍ଟ ୧୩, ଝାରସୁଗୁଡ଼ା ବ୍ଲକରେ ଅଗଷ୍ଟ ୨୦, କୋଲାବିରା ବ୍ଲକରେରେ ଅଗଷ୍ଟ ୨୭ ଓ ଲଖନପୁର ବ୍ଲକରେ ଆସନ୍ତା ସେପଟ୍ଟେମ୍ବର ମାସ ୩ତାରିଖରେ ଆୟୋଜିତ ହେବ।

# ମାଲକାନଗିରି ମହାବିଦ୍ୟାଳୟକୁ ପୁରିଲା ୪୪ ବର୍ଷ : କେବେ ମିଳିବ ସରକାରୀ ମାନ୍ୟତା ?

ମାଲକାନଗିରି, ୨୪/୦୭ (ନି.ପ୍ର): ରାଜ୍ୟରେ ସରକାର ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ, ଆଦିବାସୀ ଇଲାକା ମାଲକାନଗିରି ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଅନ୍ୟ ଜିଲ୍ଲା ତୁଳନାରେ ଆଗେଇ ପାରୁନାହିଁ। ଉଚ୍ଚ ଶିକ୍ଷା ପାଇଁ ଅର୍ଥର ଆବଶ୍ୟକତା ପଡୁଥିବା ବେଳେ ସମସ୍ତ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସମ୍ଭବ ହୋଇପାରୁ ନାହିଁ। ଜିଲ୍ଲାରେ ଥିବା ସର୍ବପୁରାତନ ମହାବିଦ୍ୟାଳୟକୁ ଆଜି ବି ଅଣଦେଖା କରାଯାଇଛି। ଚଳିତ ମାସରେ ମାଲକାନଗିରି ମହାବିଦ୍ୟାଳୟକୁ ୪୪ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ତାହାକୁ ସରକାରୀ ମାନ୍ୟତା ମିଳିପାରୁନାହିଁ। ଫଳରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀମାନେ ଅଧିକ ଫି' ଟଙ୍କା ଦେଇ ପଢ଼ିବାକୁ ବାଧ ହେଉଛନ୍ତି। ଏପରି ସ୍ଥିତିରେ ମାଲକାନଗିରି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା କେବେ ମିଳିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ମାଲକାନଗିରି ଜିଲ୍ଲାରେ ପିଲାମାନେ ଉଚ୍ଚ ଶିକ୍ଷା କରିବା ପାଇଁ ୧୯୭୯ ମସିହା ଜୁଲାଇ ୯ ତାରିଖରେ ମାଲକାନଗିରି ମହାବିଦ୍ୟାଳୟ ଆରମ୍ଭ ହୋଇଥିଲା। ଏଥିରେ ଅଧିକାଂଶ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ପଢ଼ିବାର ସୁଯୋଗ ପାଇପାରିଥିଲେ। କାଳକ୍ରମେ ଗୋଟିଏ ପରେ ଗୋଟିଏ ବିଭାଗ ଖୋଲିବାରେ ଲାଗିଲା ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା। ଏହି ମହାବିଦ୍ୟାଳୟରେ ବର୍ତ୍ତମାନ ଯୁକ୍ତ ତିନି ଓ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ବିଭାଗ ରହିଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଏହି ମହାବିଦ୍ୟାଳୟରେ ଯୁକ୍ତ ତିନି କଳାର ଓଡିଆ ବିଭାଗରେ ୮୦ ଟି ସିଟ୍ ରହିଥିବା ବେଳେ ଇଂରାଜୀରେ ୩୨, ଅର୍ଥଶାସ୍ତ୍ରରେ ୩୨, ଇତିହାସରେ ୫୬, ଶିକ୍ଷାରେ ୬୪ ଓ ରାଜନୀତି ବିଜ୍ଞାନରେ ୫୬ ସ୍ନାତକ ସମ୍ମାନ ସିଟ୍ ରହିଛି। ବାଣିଜ୍ୟ ବିଭାଗରେ ଆକାଉଂଟିଙ୍ଗ୍ ୧୨୮ଟି ସ୍ନାତକ ସମ୍ମାନ ସିଟ୍ ରହିଛି। ବିଗତ ବର୍ଷର ତଥ୍ୟରୁ ଜଣାପଡିଛି ଯେ, କଳା ଓ ବାଣିଜ୍ୟ ବିଭାଗରେ ଯୁକ୍ତ ତିନି ପ୍ରଥମ ବର୍ଷରେ ୨୪୩ ଜଣ, ଦ୍ୱିତୀୟ ବର୍ଷରେ ୩୧୬ ଜଣ ଓ ତୃତୀୟ ବର୍ଷରେ ୩୬୮ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ତିନି ବର୍ଷରେ ୯୨୭ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ଏସସି ୨୩୧ ଜଣ ଓ ୪୮୪ ଜଣ ଏସଟି ଛାତ୍ରଛାତ୍ରୀ ରହିଛନ୍ତି। ସେହିଭଳି ଯୁକ୍ତ ଦୁଇ କଳା ବିଭାଗରେ ୩୨୦ଟି ସିଟ୍ ରହିଥିବା ବେଳେ ବାଣିଜ୍ୟ ବିଭାଗରେ ୧୨୮ଟି ସିଟ୍ ରହିଛି। ସେହିପରି କଳା ଓ ବାଣିଜ୍ୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ୩୯୫ ଜଣ ଓ ଦ୍ୱିତୀୟ ବର୍ଷରେ ୪୪୭ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ମୋଟ ୮୪୨ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ଏସ୍ସି ୧୮୩ ଜଣ ଏବଂ ଏସଟି ୪୮୩ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଆଜି ପର୍ଯ୍ୟନ୍ତ ମହାବିଦ୍ୟାଳୟରେ ବିଜ୍ଞାନ ବିଭାଗ ଖୋଲିପାରି ନାହିଁ।

# କୋଟିଆରେ ବିଚିତ୍ର ଶିକ୍ଷା ବ୍ୟବସ୍ଥା : ଆନ୍ଧ୍ର ସ୍କୁଲରେ ୩ଦିନ, ଓଡ଼ିଶାରେ ୩ଦିନ



ପଟାଙ୍ଗି, ୨୪/୦୭ (ନି.ପ୍ର): ବିବାଦୀୟ କୋଟିଆରେ ଶିକ୍ଷା ବ୍ୟବସ୍ଥାର ବିଚିତ୍ର ଦୃଶ୍ୟ। ଉଭୟ ଓଡ଼ିଶା ଓ ଆନ୍ଧ୍ର ସରକାର ବିଦ୍ୟାଳୟ ଖୋଲିଥିବାରୁ ପିଲା ପାଳି କରି ଦୁଇ ରାଜ୍ୟର ବିଦ୍ୟାଳୟକୁ ଯାଉଛନ୍ତି। ସପ୍ତାହରେ ୩ଦିନ ଆନ୍ଧ୍ର ସ୍କୁଲ ଆର ତିନିଦିନ ଓଡ଼ିଶା ସ୍କୁଲ ଯାଉଛନ୍ତି। ତେବେ ଆନ୍ଧ୍ର ସ୍କୁଲଗୁଡିକରେ ଓଡ଼ିଆ ସ୍କୁଲ ଅପେକ୍ଷା ଅଧିକ ଦିନ ଉପସ୍ଥାନ ରହୁଛି। ଏହା ପଛର କାରଣ ଆନ୍ଧ୍ରର ଆମ୍ମାବାଡ଼ି ଯୋଜନା। ଓଡ଼ିଶା ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ନଲେ ପିଲା ଓଡ଼ିଆ ଅ, ଆ ସମ୍ପୂର୍ଣ୍ଣ ଭୁଲି ତେଲୁଗୁ ଅ, ଆ ଶିଖିଯିବା ସ୍ଥିତି ସୃଷ୍ଟି ହୋଇଛି। ସୀମାନ୍ତ ଗାଁରେ ତେଲୁଗୁ ଶିକ୍ଷା ଦେଇ ଗାଁଗୁଡିକୁ କବ୍‌ଜା କରିବା ଦିଗରେ ଆନ୍ଧ୍ର ପ୍ରୟାସରତ। ଆମ୍ମାବାଡି ଯୋଜନାରେ ଛାତ୍ରଛାତ୍ରୀଙ୍କୁ ଟାଣିବାକୁ ଚେଷ୍ଟା ଚଳାଇଛି। ଯାହାର ପ୍ରଭାବ ମଧ୍ୟ ସ୍ପଷ୍ଟ ରୂପେ ଦେଖିବାକୁ ମିଳୁଛି। ଓଡ଼ିଶାର ଅଧିକାଂଶ ପିଲାଙ୍କୁ ଆନ୍ଧ୍ର ସ୍କୁଲରେ ଦେଖିବାକୁ ମିଳୁଛି। ଏମିତି କି ଶିଶୁଟିଏ ଜନ୍ମ ହେବା ମାତ୍ରେ ଆନ୍ଧ୍ର ସରକାର ଘରେ ପହଞ୍ଚି ଯାଉଛନ୍ତି। ପୁଷ୍ଟିକର ଖାଦ୍ୟଠାରୁ ଆରମ୍ଭ କରି ପ୍ରାକ୍ ଶିକ୍ଷା ଯୋଗାଇ ଦେବାକୁ ଅଭିଭାବକଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ହଜାର ଟଙ୍କା ଜମା କରୁଛନ୍ତି। ଲୋକେ ଏହି ଲୋଭରେ ପଡି ପିଲାଙ୍କୁ ତେଲୁଗୁ ସ୍କୁଲକୁ ଛାଡୁଥିବା ଦେଖିବାକୁ ମିଳୁଛି। ପିଲାଙ୍କ ଉଚ୍ଚଶିକ୍ଷା, ହଷ୍ଟେଲରେ ରହିବା ବ୍ୟବସ୍ଥା ଆନ୍ଧ୍ର ସରକାର କରୁଛନ୍ତି। ପ୍ରାଥମିକ ଶିକ୍ଷା ସମୟରେ ଖାତା, ବହିଠାରୁ ଆରମ୍ଭ କରି ବିଭିନ୍ନ ପାଠ୍ୟସାମଗ୍ରୀ ଯୋଗାଇ ଦେଉଛନ୍ତି। ବିବାଦୀୟ କୋଟିଆ ଗ୍ରାମପୁଞ୍ଜରେ ଏହି ସ୍ଥିତି ସଙ୍ଗିନ୍। ଶିକ୍ଷା କ୍ଷେତ୍ରରେ ଓଡ଼ିଶା ସରକାର ଛାତ୍ରଛାତ୍ରୀଙ୍କୁ ଆକର୍ଷଣ କରିବାରେ ବିଫଳ ହେଲାଭଳି ମନେ ହେଉଛି। କୋଟିଆ ପଞ୍ଚାୟତରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଗଞ୍ଜେଇପଦର, କୋଟିଆ, ଉପରସେମ୍ଭି, ତଳସେମ୍ଭି, ଦୋଳିଆମ୍ବ, ମାଡ଼କାର, ଫଗୁଣସିନେରୀ, ଫାଟୁସିନେରୀ, ନେରେଡି ବାଲସା, ଧୂଳିପଦର ଓ ରଣାସିଙ୍ଗ ଗ୍ରାମରେ ମୋଟ ୧୩ଟି ବିଦ୍ୟାଳୟ ରହିଛି। ଶିକ୍ଷକ ନିଯୁକ୍ତି ସହ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଏହା ସତ୍ତ୍ୱେ ସ୍କୁଲରେ ଛାତ୍ର ଉପସ୍ଥାନ କମ୍ ରହୁଛି। ଅନ୍ୟପକ୍ଷରେ ଅର୍ଜୁବାଲସା, ତାଡିବାଲସା, ଧୂଳିପଦର ଓ ଫଗୁଣସିନେରୀ ଗାଁରେ ରହିଥିବା ଆନ୍ଧ୍ରର ସ୍କୁଲରେ ଓଡ଼ିଆ ପିଲାଙ୍କ ସଂଖ୍ୟା ଅଧିକ। ଏହିସବୁ ସ୍କୁଲକୁ ପ୍ରତିଦିନ ଆନ୍ଧ୍ର ଶିକ୍ଷକ ଆସି ପାଠ ପଢ଼ାଉଛନ୍ତି। ଓଡ଼ିଶା ଶିକ୍ଷକ ପାଳିକରି ଯିବା ଆସିବ କରୁଥିବା ବେଳେ ଅନେକ ସମୟରେ ପିଲାଙ୍କ ଅପେକ୍ଷାରେ ମଧ୍ୟ ରହୁଛନ୍ତି। ସ୍କୁଲରେ ତେଲୁଗୁ ଶିକ୍ଷା ଦିଆନଗଲେ ପିଲାଙ୍କୁ ପଠାଇବୁ ନାହିଁ ବୋଲି ଗାଁ ଲୋକେ ସିଧାସିଧା ଶିକ୍ଷକଙ୍କୁ କହୁଥିବା ଜଣାପଡିଛି। କେତେକ ଗାଁରେ ପିଲାଙ୍କୁ ଓଡ଼ିଆ ସ୍କୁଲକୁ ପଠାଇବାକୁ ଶିକ୍ଷକମାନେ ଅନୁରୋଧ କରିବା ପରେ ପିଲା ୩ଦିନ ଓଡ଼ିଶା ସ୍କୁଲ ଓ ବାକି ୩ଦିନ ଆନ୍ଧ୍ର ସ୍କୁଲକୁ ଯାଉଥିବା ଦେଖିବାକୁ ମିଳୁଛି।

# ତୁମୁଡ଼ିବନ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଅଭିଭାବକ ସମ୍ମିଳନୀ

କନ୍ଧମାଳ, ୨୪/୦୭ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତୁମୁଡିବନ୍ଧର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ପୁରୁଷୋତମ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରଧାନ ଆଚାର୍ଯ୍ୟ କୈଳାଶ ଚନ୍ଦ୍ର ଧଳ କାର୍ଯ୍ୟକ୍ରମର ଉଦେଶ୍ୟ, ଶିଶୁ ମନ୍ଦିରର ଲକ୍ଷ୍ୟ ଏବଂ ପରିଚାଳନା ଗତ ସୁବିଧା ଅସୁବିଧା ବର୍ଣ୍ଣନା କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଲକ୍ଷ୍ମୀଧର ସାହୁ ଓ ରାମକୃଷ୍ଣ ପାଢ଼ୀ ଆଲୋଚନାରେ ଅଂଶଗ୍ରହଣ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅଭିଭାବକଙ୍କ ମଧ୍ୟରୁ ଶ୍ରୀମତୀ ମଧୁମିତା ବେହେରା, ଶ୍ରୀମତୀ ପ୍ରଶାନ୍ତି ସାହୁ, ନିରୋଦ ଚନ୍ଦ୍ର କହଁର, ଅରକ୍ଷିତ ମାଝୀ, ମୋତିରାମ ନାୟକ, ବିବଛ ପରିଛା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଭିଭାବକ, ଛାତ୍ର ଓ ଶିକ୍ଷକ ତିନୋଟି ଶିକ୍ଷାର ସ୍ତମ୍ଭ ଏବଂ ଏମାନଙ୍କ ମିଳିତ ସହଯୋଗରେ ବିଦ୍ୟାଳୟ ର ବିକାଶ ହେବ ବୋଲି ସମସ୍ତେ ମତ ଦେଇଥିଲେ। ଏହି ଅବସରରେ ମାତୃ ଭାରତୀ ଓ ବିଦ୍ୟୁତ ପରିଷଦ ଗଠନ ହୋଇଥିଲା। ମଧୁମିତା ବେହେରା, ପ୍ରଶାନ୍ତି ସାହୁ ମାତୃଭାରତୀ ର ସଭାପତି ଏବଂ ସମ୍ପାଦକ ହୋଇଥିଲା ବେଳେ ନିରୋଦ ଚନ୍ଦ୍ର କହଁର ଓ ବିଭୁତି ଭୂଷଣ ମଲ୍ଲିକ ସଭାପତି ଓ ସମ୍ପାଦକ ଭାବେ ଚୟନୀତ ହୋଇଥିଲେ। ପ୍ରାରମ୍ଭରେ ସମସ୍ତ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଙ୍କ ସହ ପରିଚାଳନା ସମିତିର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଉପସଭାପତି ପ୍ରସନ୍ନ କୁମାର ସହୁ, କୋଷାଧକ୍ଷ ବିଶ୍ୱନାଥ ସାହୁ, ସଦସ୍ୟ ଶରତ ଚନ୍ଦ୍ର ସାହୁ, ଚନ୍ଦ୍ରମଣି ପଣ୍ଡା, ଉମାକାନ୍ତ ପାତ୍ର, ସୁମନ ନାୟକ ଆଚାର୍ଯ୍ୟା ସସ୍ମିତା ପଣ୍ଡା, ଜ୍ୟୋସ୍ନା ରାଣୀ କହଁର, କେତକୀ ନାୟକ, ସ୍ନେହ ଲତା ଲେଙ୍କା ରାନୁବାଳା ଖଣ୍ଡଓ୍ୱାଲ, ଯଶୋଦା ପାତ୍ର, ଅଙ୍କିତାଶ୍ରୀ ପରାସେଠ ପ୍ରମୁଖ ପରିଚାଳନାରେ ଉପସ୍ଥିତ ଥିଲେ। ପଚାଶ ରୁ ଉର୍ଦ୍ଧ୍ୱ ଅଭିଭାବକ ଓ ଅଭିଭାବିକା ଉପସ୍ଥିତ ଥିଲା ବେଳେ ସହ ସମ୍ପାଦକ ମୁରଲୀଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭଙ୍ଗା କୁଡ଼ିଆରେ ୧୫ ଆଦିବାସୀ ପରିବାରଙ୍କ ଜୀବନ



ନିରାକାରପୁର, ୨୪/୦୭ (ନି.ପ୍ର): ନିଜର ଘରବାଡ଼ି କିଛି ନାହିଁ। ବର୍ଷବର୍ଷ ଧରି ସେମାନେ ସରକାରୀ ଜମିରେ ପଡ଼ିରହିଛନ୍ତି। ହେଲେ ସେମାନଙ୍କ ପାଇଁ ସରକାରୀ ଯୋଜନା ସାତ ସପନ ପାଲଟିଛି। ସରକାର ତଫସିଲଭୁକ୍ତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ବିକାଶ ନିମନ୍ତେ ଯୋଜନା ପରେ ଯୋଜନା ପ୍ରସ୍ତୁତ କରିଚାଲିଛନ୍ତି। ମାତ୍ର ଜିଲ୍ଲା ପ୍ରଶାସନର ଅଣଦେଖା ସହ ବ୍ଲକ୍ ପ୍ରଶାସନର ଆନ୍ତରିକତା ଅଭାବ ଯୋଗୁଁ ଏହା ନିମ୍ନସ୍ତରରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ଅଧୀନ ଡିଆ ପଞ୍ଚାୟତରେ।

ଦୀର୍ଘ ବର୍ଷଧରି ପ୍ରାୟ ୧୫ଟି ଆଦିବାସୀ (ମୁଣ୍ଡପୋଡା କେଳା) ପରିବାର ଡିଆ କପିଳେଶ୍ୱରପୀଠ ସ୍ଥିତ ପଡ଼ିଆରେ ବସବାସ କରି ଆସୁଛନ୍ତି। ପୂର୍ବରୁ ଏମାନେ ତାଳବରଡ଼ାରେ ନିର୍ମିତ ନୁଆଁଣିଆ କୁଡ଼ିଆ କରି ରହୁଥିଲେ। ପୁରୁଷମାନେ ମୂଲମଜୁରି ଓ ମହିଳାମାନେ ଭିକ୍ଷାବୃତ୍ତି କରି ଜୀବନ ବିତାଉଛନ୍ତି। ଆଉ କେହି କେହି ଖଜୁରିପତ୍ରରେ ଝାଡୁ ତିଆରି କରି ବିକ୍ରି କରୁଛନ୍ତି। ସେଥିରୁ ଯାହା ରୋଜଗାର କରୁଛନ୍ତି ସେଥିରେ ପରିବାର ପ୍ରତିପୋଷଣ କରୁଥିବା ସୁଭଦ୍ରା ପ୍ରଧାନ ପ୍ରକାଶ କରିଛନ୍ତି। ଅଳ୍ପ କେତୋଟି ପରିବାରକୁ ଛାଡ଼ିଦେଲେ ଅଧିକାଂଶଙ୍କୁ ରାସନକାର୍ଡ ମିଳି ନାହିଁ। ବାର୍ଦ୍ଧକ୍ୟ ଭତ୍ତା, ବସୁନ୍ଧରା, ବିଜୁ ପକ୍କାଘର, ସୌଭାଗ୍ୟ ଯୋଜନା ଆଦି ବିଭିନ୍ନ ସରକାରୀ ଯୋଜନା ସେମାନଙ୍କ ପାଇଁ ସାତ ସପନ ପାଲଟିଛି। ସୌଭାଗ୍ୟ ଯୋଜନାରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ଗରିବ ବ୍ୟକ୍ତିଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇଥିବା ବେଳେ ଏମାନଙ୍କୁ ସେଥିରେ ସାମିଲ କରାଯାଉ ନାହିଁ। ସଞ୍ଜ ନଇଁଲେ ଏମାନଙ୍କ ପାଇଁ ଡିବିରି ଆଲୁଅ ଏକମାତ୍ର ସାହା ଭରସା ବୋଲି ମୀନା ପ୍ରଧାନ ଓ ସୁଷମା ପ୍ରଧାନ ପ୍ରକାଶ କରିଛନ୍ତି। କେତେକ ପରିଣତ ବୟସରେ ପହଞ୍ଚି ଥିଲେ ସୁଦ୍ଧା ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳି ନଥିବା ସେମାନେ ଅଭିଯୋଗ କରିଛନ୍ତି। ଦୁଃଖର ବିଷୟ ପ୍ରତିଥର ନିର୍ବାଚନ ଆସିଲେ ସମସ୍ତେ ଆମ ପାଖକୁ ଆସି ମିଠାକଥା କହି ବିଭିନ୍ନ ପ୍ରତିଶ୍ରୁତି ଦିଅନ୍ତି।

# ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସର ୩ କୋଟିରୁ ଅଧିକ ଟଙ୍କା ହେରଫେର

କଟକ, ୨୪/୦୭ (ନି.ପ୍ର): କଟକ ତଳ ତେଲେଙ୍ଗାବଜାରରେ ଥିବା ଉତ୍କଳ ସିନେ ଚାମ୍ବର୍ସ ଅଫ୍ କମର୍ସ (ୟୁସିସିସି) ନାମରେ ଥିବା ପାଣ୍ଠିର ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ପୁରୀଘାଟ ଥାନାରେ ଆଜି ଏତଲା ଦିଆଯାଇଛି। ପାଣ୍ଠି ହେରଫେର ପରିମାଣ ୩ କୋଟିରୁ ଅଧିକ ଟଙ୍କା ହେବ ବୋଲି କିଛି ସଦସ୍ୟ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ୟୁସିସିସିର ଏକ ଶାଖା ଭାବେ ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର ଆସୋସିଏସନ୍‌କୁ ଦର୍ଶାଇ ନୂଆ ସଦସ୍ୟଙ୍କ ନିକଟରୁ ବହୁବର୍ଷ ଧରି ଅର୍ଥ ଲୁଟ୍ ହୋଇଆସୁଛି। ଏଭଳି କୌଣସି ଶାଖା ସଂସ୍ଥା ପଞ୍ଜିକୃତ ହୋଇ ନଥିବା ବେଳେ ଯୋଜନାବଦ୍ଧ ଭାବେ ଅର୍ଥ ଲୁଟ୍ କରାଯାଉଥିବା ନେଇ କିଛି ପ୍ରଯୋଜକ ପୁରୀଘାଟ ଥାନାରେ ଫେରାଦ ହୋଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଓଡିଆ ଚଳଚ୍ଚିତ୍ର ନିର୍ମାତା, ବିତରକ ଏବଂ ଏକ୍‌ଜିବିଟରଙ୍କ ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୟୁସିସିସି ୧୯୯୩ରେ ଗଠନ କରାଯାଇଥିଲା। ସୋସାଇଟିସ୍ ଆକ୍ଟ ଅନୁଯାୟୀ ଏହା ପଞ୍ଜୀକରଣ କରାଯାଇଛି। ସମୟକ୍ରମେ ନୂଆ ପ୍ରଡକ୍ସନ ହାଉସ୍, ବିତରକ, ଏକ୍‌ଜିବିଟରମାନେ ଏହି ସଂସ୍ଥା ସହିତ ଯୋଡ଼ି ହୋଇଛନ୍ତି। କିନ୍ତୁ କାର୍ଯ୍ୟନିର୍ବାହୀ କମିଟି ପାଇଁ ଅଫିସ୍ ବିୟରର୍ସଙ୍କ ଉପଯୁକ୍ତ ନିର୍ବାଚନ ହୋଇନାହିଁ। ଗଲା ଦୁଇ ଦଶନ୍ଧି ତଳେ ନିର୍ବାଚନ ହୋଇଥିଲା। କିଛି ସଦସ୍ୟଙ୍କ ଏହାରି ଭିତରେ ଦେହାନ୍ତ ହୋଇଯାଇଛି। କିନ୍ତୁ ସେମାନଙ୍କ ପରେ କୌଣସି ଉପନିର୍ବାଚନ କରାଯାଇନାହିଁ। ସୋସାଇଟିର କିଛି ସଦସ୍ୟ ନିଜେ ନିର୍ବାଚନ ତାରିଖ ସ୍ଥିର କରୁଛନ୍ତି। କିନ୍ତୁ ସାଧାରଣ ପରିଷଦ ବୈଠକ ନଡ଼ାକି ଚୟନ ପଦ୍ଧତି ମାଧ୍ୟମରେ ସେମାନେ ନିଜକୁ ଅଫିସ୍ ବିୟରର୍ସ ଭାବେ ପୁନଃ ନିଯୁକ୍ତ କରୁଛନ୍ତି। ଅନେକ ନୂଆ ସଦସ୍ୟ ୟୁସିସିସିରେ ଯୋଗ ଦେଉଥିବା ବେଳେ ସେମାନଙ୍କୁ ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର ଆସୋସିଏସନ୍ ନାଁରେ ଏକ ରସିଦ୍ ପ୍ରଦାନ କରାଯାଇଛି। ଉକ୍ତ ଅନୁଷ୍ଠାନ ୟୁସିସିସିର ଏକ ଶାଖା ବୋଲି ଦର୍ଶାଯାଉଛି। କିନ୍ତୁ ଏଭଳି କୌଣସି ପଞ୍ଜିକୃତ ଶାଖା ନଥିବା ବେଳେ ୟୁସିସିସିର ବାଇଲରେ ଏଭଳି କୌଣସି ଶାଖା ଗଠନ ପାଇଁ ଅନୁମତି ବି ଦିଆଯାଇନାହିଁ। ଗଲା କିଛିବର୍ଷ ଧରି ଏହି ଶାଖା ଅନୁଷ୍ଠାନ ପକ୍ଷରୁ ସଦସ୍ୟତା ଫି ବାବାଦ ବିପୁଳ ପରିମାଣର ଅର୍ଥ ସଂଗ୍ରହ କରାଯାଇଛି। ଏହି ଅର୍ଥକୁ ପରବର୍ତ୍ତୀ ସମୟରେ ଅପବ୍ୟବହାର କରାଯାଇଛି। ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର ଆସୋସିଏସନ୍‌ର ଆକାଉଣ୍ଟାଣ୍ଟ ବୁଦ୍ଧିରାମ ବେହେରା ନାମକ ଜଣେ ବ୍ୟକ୍ତି ନୂଆ ସଦସ୍ୟଙ୍କ ପିଛା ୫୦ ହଜାର ଟଙ୍କା ସଦସ୍ୟତା ଦେୟ ଆଦାୟ କରୁଛନ୍ତି। ପ୍ରତିବାଦ କଲେ ଦୁର୍ବ୍ୟବହାର ସହିତ ଚଳଚ୍ଚିତ୍ର ମୁକ୍ତିଲାଭ କରାଇ ନଦେବାକୁ ଧମକ ଦେଉଛନ୍ତି। ବ୍ଲାକ୍‌ମେଲ୍ କରି ଏହି ଫି ବଳପୂର୍ବକ ସଂଗ୍ରହ କରାଯାଉଛି। ସିନେମା ପ୍ରଯୋଜନା କ୍ଷେତ୍ରରେ ନୂଆ କରି ପ୍ରବେଶ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଧମକ ଦିଆଯାଉଛି। ସେମାନଙ୍କୁ କଳା ତାଲିକାଭୁକ୍ତ କରିବା ସହିତ ସେମାନଙ୍କ ଦ୍ୱାରା ପ୍ରଯୋଜିତ ଚଳଚ୍ଚିତ୍ର ମୁକ୍ତିଲାଭ କରିବାରେ ରୋକ ଲଗାଇବାକୁ ଚେତାବନୀ ବି ଦିଆଯାଉଛି। ସୋସାଇଟିର ନୂତନ ସଦସ୍ୟମାନଙ୍କୁ ସାଧାରଣ ପରିଷଦ ବୈଠକରେ ସାମିଲ ହେବାକୁ ଅନୁମତି ଦିଆଯାଉ ନାହିଁ। ସେମାନଙ୍କୁ ସୋସାଇଟି ଅଫିସକୁ ପ୍ରବେଶ ଅନୁମତି ଦିଆଯାଉ ନଥିବା ବେଳେ ଦୁର୍ବ୍ୟବହାର ବି କରାଯାଉଛି।

# ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ର ହଟାଇ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନର ପ୍ରତିବାଦ

ବଲାଙ୍ଗୀର, ୨୪/୦୭ (ନି.ପ୍ର): ଆଜି ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭାରେ ଏକ ଜରୁରୀ ବୈଠକ ସଭାପତି ଧନଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ନରସିଂହ ମନ୍ଦିର ରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପାଟଣାଗଡରେ ଭଗବାନ ପର୍ଶୁରାମଙ୍କ ଫଟୋ ହଟାଇ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସବା ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଏଭଳି କାର୍ଯ୍ୟକୁ ମହାସଭା ପକ୍ଷରୁ ନିନ୍ଦା କରିବା ସହିତ ପୁନର୍ବାର ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ବୋଲି ବୋଲି ଦୃଢ ଦାବି କରାଯାଇଛି। ଯଦି ଏହା କରା ନ ଯାଏ ତେବେ ଭବିଷ୍ୟତରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥି ପାଇଁ ପ୍ରଶାସନ ଓ ରାଜ୍ୟ ସରକାର ଦାୟୀ ରହିବେ। ଏହି କାର୍ଯ୍ୟକ୍ରମରେ ପାଟଣାଗଡ ବ୍ରାହ୍ମଣ ସମାଜର ଆନ୍ଦୋଳନ ପ୍ରତି ଆମର ନୈତିକ ସମର୍ଥନ ରହିଛି ବୋଲି ସଭାରେ ସ୍ଥିର କରାଯାଇଛି।

# ନିୟୁ ଏରା ସ୍କୁଲ ଅଫ ଆର୍ଟ ଏଣ୍ଡ କ୍ରାଫ୍ଟସ ଉଦ୍‌ଘାଟିତ

କୋରେଇ, ୨୪/୦୭ (ନି.ପ୍ର): ପାଣିକୋଇଲି ଠାରେ ଆଜି ପ୍ରଥମ ଥର ପାଇଁ ନିୟୁ ଏରା ସ୍କୁଲ ଅଫ ଆର୍ଟ ଏଣ୍ଡ କ୍ରାଫ୍ଟସ ଉଦ୍‌ଘାଟିତ ହୋଇଛି। କୋରାଇର ପ୍ରାକ୍ତନ ଅଧକ୍ଷ ତଥା ଓଡିଶା ସରକାରଙ୍କ ମୋ କଲେଜ ଅଧକ୍ଷ ଆକାଶ ଦାସନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍ଘାଟନ କରିଛନ୍ତି। ଫଳରେ ପାଣିକୋଇଲି ଅଂଚଳର ଛାତ୍ର/ଛାତ୍ରୀ ମାନେ ଏଠାରେ ଚିତ୍ରକଳା କ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇ ପାରିବେ। ପାଣିକୋଇଲିର ବିବେକାନନ୍ଦ ଇଂଲିସ ମିଡିୟମ ସ୍କୁଲ ପରିସରରେ ଖୋଲାଯାଇଥିବା ଏହି ସ୍କୁଲ ସପ୍ତାହରେ ୨ ଦିନ ଚାଲୁରହିବ। ଏନେଇ ଆଜି ଠାରୁ ନାମ ଲେଖା ଆରମ୍ଭ ହୋଇଛି। ଏହି ଅବସରରେ ସଂଯୁକ୍ତା ମହାରଣାଙ୍କ ସଂଚାଳନାରେ ଓ ବିବେକାନନ୍ଦ ଇଲିସ ମିଡିୟମ ସ୍କୁଲର ଏମଡି ରବିନାରାୟଣ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଦ୍ଘାଟକ ଭାବେ ଆକାଶ ଦାସନାୟକ, ମୁଖ୍ୟ ଅତିଥି ଭାବେ ଓଡ଼ିଶା ଲଳିତ କଳା ଏକାଡେମୀର ସମ୍ପାଦକ ପଂଚାନନ ସାମଲ, ମୁଖ୍ୟବକ୍ତା ଭାବେ ସମାଜସେବୀ ସନ୍ତୋଷ କୁମାର ଦାସ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ନାଗରିକ ମଂଚର ସଭାପତି ନୃସିଂହ ଚରଣ ଦଳାଇ, ସମ୍ପାଦକ ସୁରେନ୍ଦ୍ର କୁମାର ରାୟ, ଡା ନିର୍ମଳ ରଥ, ଶିକ୍ଷକ ରବିନାରାୟଣ ସାହୁ, ରାଜ କିଶୋର ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଶ୍ରୀପତି ବାରିକ କାର ?ୟକ୍ରମ ପରିଚାଳନା କରିଥିବା ବେଳେ ବିକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଚୀନ ପାଇଁ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ସହ ବାଣିଜ୍ୟିକ ସଂପର୍କ ସୁଦୃଢ କରି ବିକଳ୍ପ ଯୋଗାଣ ମାର୍ଗ ଉନ୍ମୁକ୍ତ କରିବାକୁ ଚାହୁଁଛି । କାରଣ ରୁଷିଆ ୟୁକ୍ରେନ ଯୁଦ୍ଧ ପୂର୍ବରୁ ଜର୍ମାନୀର ଜାଳେଣିଗ୍ୟାସ ରୁଷିଆ ଯୋଗାଉଥିଲା । କିନ୍ତୁ ଯୁଦ୍ଧ ପର କଟକଣା ଯୋଗୁ ଜର୍ମାନୀ ଗ୍ୟାସ କ୍ରୟ ହ୍ରାସ କଲାପରେ ୨୨୨ବିଲିଅନ ୟୁରୋ ଇତି ମଧ୍ୟରେ ଜର୍ମାନୀର ସବୁଠୁ ବଡ଼ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର । ଆଗାମୀ ଦିନରେ ରୁଷିଆ ସମାନ ପରିସ୍ଥିତିରେ ଜର୍ମାନୀକୁ ଚୀନ ପାଇଁ ଅସୁବିଧା ଭୋଗ କରିବାକୁ ପଡିପାରେ । ତେଣୁ ଚୀନ ସହ ବାଣିଜ୍ୟିକ ସଂପର୍କ ହ୍ରାସ କରିବାକୁ ଜର୍ମାନୀ ପ୍ରୟାସ କରୁଛି । ୨୦ ଜୁଲାଇ ୨୦୨୩ଦିନ ଆର୍ଥିକ ବ୍ୟାପାରମନ୍ତ୍ରୀ ରବର୍ଟ ହାବେକ୍ ଏ ବିଷୟରେ ସୂଚନା ଦେଇଛନ୍ତି । ଚଳିତବର୍ଷ ଜୁନ ମାସରେ ଜର୍ମାନୀର ପ୍ରତିରକ୍ଷା ମନ୍ତ୍ରୀ ବୋରିସ ପିଷ୍ଟୋରିୟସ ଜର୍ମାନୀ ସବ୍‌ମେରିନ୍ ବିକ୍ରି ପାଇଁ ଭାରତ ସହ ବୁଝାମଣା କରିଥିଲେ । ୬ଟି ସବ୍‌ମେରିନ୍ (ବୁଡାଜାହାଜ) ନିର୍ମାଣ ପାଇଁ ୪୨୦୦୦କୋଟି ଟଙ୍କାର ଉକ୍ତ ବୁଝାମଣା ଭାରତ ଓ ଜର୍ମାନୀର ଦୁଇଟି ନିର୍ମାଣକାରୀ ସଂସ୍ଥା ମଧ୍ୟରେ ହୋଇଥିଲା । ସ୍ୱାସ୍ଥ୍ୟ ସେବା ପାଇଁ କେରଳୀ ନର୍ସମାନଙ୍କୁ ଜର୍ମାନୀ ନିଯୁକ୍ତି ଦେବାଲାଗି ଉଦ୍ୟମ ଆରମ୍ଭ କରିଛି ।

ଏବେ ନିଜର ପଡୋଶୀ ରାଷ୍ଟ୍ରଗୁଡିକର ବିରୋଧ ଏବଂ ବଡରାଷ୍ଟ୍ର ଆମେରିକାର ଅନେକ କଟକଣା, ବିଶ୍ୱ ମଞ୍ଚରେ ଭାରତର ଚୀନକୁ ବିରୋଧ କରିବା ନୀତି ମୋଟାମୋଟି ଭାବେ ଅନେକ ଚୀନ ବିରୋଧୀ ରାଷ୍ଟ୍ରଙ୍କୁ ପ୍ରୋତ୍ସାହନ ଦେଇଛି । ଯେଉଁଥିପାଇଁ ସାଂଘାଇ ସହଯୋଗ ସଂଗଠନର ବୈଠକରେ ଭାରତ ଏକମାତ୍ର ରାଷ୍ଟ୍ରଭାବେ ଚୀନର ବେଲ୍‌ଟ ଏଣ୍ଡ ରୋଡ ନୀତିକୁ ବିରୋଧ କରି ପ୍ରସ୍ତାବ ଗୃହୀତ କରାଇ ଦେଲାନାହିଁ । ନାମ ଗୋଷ୍ଠୀର ବୈଠକ ଆଜରବୈଜାନର ବାକୁଠାରେ ହୋଇଥିଲା । ଚୀନ ଏଠାରେ ନିମନ୍ତ୍ରିତ ସଦସ୍ୟ ହୋଇଥିଲେ ମଧ୍ୟ ପାକିସ୍ଥାନ ମାଧ୍ୟମରେ ବେଲ୍‌ଟ ଏଣ୍ଡ ରୋଡ ଏବଂ ସିପେକ୍ ବିଷୟରେ ସମର୍ଥନ ଆଶା କରୁଥିଲା । କିନ୍ତୁ ଭାରତ ସମେତ ଅନ୍ୟ ରାଷ୍ଟ୍ରମାନେ ଏହାର ବିରୋଧ କରିଥିଲେ । ବିଶ୍ୱର ଅନେକ ମଞ୍ଚରେ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କରଙ୍କ ଚୀନ ବିରୋଧୀ ରୋକ୍‌ଠୋକ୍ ମନ୍ତବ୍ୟ ଅନେକଙ୍କୁ ଚକିତ କରିଛି । ଯାହାଫଳରେ ଅନେକ ଛୋଟ ଛୋଟ ଦେଶ ଏବେ ଚୀନର ଋଣଋପକୁ ଗ୍ରହଣ କରିବାକୁ ମନା କରିଦେଉଛନ୍ତି । ବଙ୍ଗଳାଦେଶ ଏବଂ ନେପାଳ ତାର ସ୍ପଷ୍ଟ ଉଦାହରଣ । ଦୀର୍ଘଦିନ ଧରି ଭାରତ ସୀମାରେ ସେନାଠୁଳ କରି ନାଲିଆଖି ଦେଖାଇବା ସତ୍ତ୍ୱେ ଯେପରି ଭାରତ ଭୟଭୀତ ହେଉନାହିଁ ସେମିତି ଅନେକ ରାଷ୍ଟ୍ର ଭାରତର ପଦକ୍ଷେପକୁ ପ୍ରଶଂସା କରି ଚୀନଠାରୁ ମୁକ୍ତ ହେବାକୁ ଚାହୁଁଛନ୍ତି, ଶ୍ରୀଲଙ୍କା ତାର ପ୍ରମାଣ । ନିକଟରେ ଶ୍ରୀଲଙ୍କାର ରାଷ୍ଟ୍ରପତି ବିକ୍ରମସିଂଘେ ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡିକ ମଧ୍ୟରେ ମୁକ୍ତ ଚଳାଚଳ ଏବଂ ସଡକ ଯୋଗାଯୋଗ ସପକ୍ଷରେ ମତ ଦେଇଛନ୍ତି । ଆଫ୍ରିକା ମହାଦେଶରେ ଚୀନ ପରି ଭାରତ ମଧ୍ୟ ଅନେକ ଦେଶରେ ସକ୍ରୀୟ ହେବାସହ ଆର୍ଥିକ ସହାୟତା ପ୍ରଦାନ କରିଛି । ଏହିସବୁ ଘଟଣା ଏବେ ଚୀନର ଚିନ୍ତାକୁ ବଢାଇ ଦେଇଛି ।

+ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର -୭୫୧୦୦୩

# ଲିପିକା ରାଉଳଙ୍କୁ ତୃତୀୟ ଥର ପାଇଁ ବସ୍ତା ବ୍ଲକ ମହିଳା ସଭାପତି ଦାୟିତ୍ୱ

ବସ୍ତା, ୨୪/୦୭ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଓ ବିଜୁ ମହିଳା ଦଳର ସଭାପତି ସ୍ନେହାଙ୍ଗିନି ଛୁରିଆ ଙ୍କ ଅନୁମୋଦନରେ ଆଜି ବାଲେଶ୍ୱର ଜିଲ୍ଲା ମହିଳା ବିଜେଡ଼ି ଦଳର ତାଲିକା ପ୍ରକାଶ ପାଇଛି ।ଏହି ଅବସରରେ ତୃତୀୟ ଥର ପାଇଁ ବସ୍ତା ବ୍ଲକ ମହିଳା ସଭାପତି ଲାଗି ବସ୍ତା ଥାନା ବରୁଣଗଡିଆ ପଞ୍ଚାୟତ ଅଧୀନରେ ଥିବା ବରୁଣଗଡିଆ ଗ୍ରାମର ଲିପିକା ରାଉଳଙ୍କ ନାମ ପ୍ରକାଶ ପାଇଛି ।ଏଥିଲାଗି ସେ ଜିଲା ରାଜ୍ୟ ମହିଳା କାର୍ଯ୍ୟ କାରିଣୀ ସଭାପତି ଶ୍ରୀମତୀ ସୁବାସିନୀ ଜେନା, ଜିଲ୍ଲା ମହିଳା ସଭାପତି ଶ୍ରୀମତୀ ବିନ୍ଦୁ ବାଳା ନନ୍ଦୀ, ପୂର୍ବତନ ସାଂସଦ ଶ୍ରୀଯୁ କ୍ତ ରବୀନ୍ଦ୍ର ଜେନା, ଜିଲ୍ଲା ପର୍ଯ୍ୟ ବେକ୍ଷକ ତଥା ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଦେବ , ଜିଲ୍ଲା ସଭାପତି ତଥା ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱନୀ କୁମାର ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ,ଉପସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀଧର ଦାସ, ଶ୍ରୀଯୁକ୍ତ ସୁବ୍ରତ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ଶ୍ରୀଯୁକ୍ତ ରଞ୍ଜନ କୁମାର ଧଳ, ଶ୍ରୀଯୁକ୍ତ ଜୟପ୍ରକାଶ ବେହେରା, ଶ୍ରୀ ଯୁକ୍ତ ନାରାୟଣ ନାୟକ, ବ୍ଲକ ସଭାପତି ଶ୍ରୀ ଯୁକ୍ତ ଅନୀଲ ମହାନ୍ତି, ଯୁବ ସଭାପତି ଶ୍ରୀଯୁକ୍ତ ଦାମୋଦର ପ୍ରଧାନଙ୍କୁ ବିଶେଷ କୃତଜ୍ଞତା ଜଣାଇବା ସହ ନବନିଯୁକ୍ତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ୧୪ ଓଏଏସ ଅଫିସରଙ୍କ....

ସେହିପରି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟିଙ୍କୁ ଆସିକା ଚିନି ସମବାୟ ଶିଳ୍ପର ପରିଚାଳନା ନିର୍ଦ୍ଦେଶକ, ଶୁଭେନ୍ଦ୍ର କୁମାର ସାମଲଙ୍କ ପୂର୍ବ ବଦଳି ନିର୍ଦ୍ଦେଶକୁ ବାତିଲ କରି ତାଙ୍କୁ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତଙ୍କୁ କଟକସ୍ଥିତ ଅତିରିକ୍ତ ଅବକାରୀ କମିଶନର, ବାଲିଗୁଡ଼ା ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ବେହେରାଙ୍କୁ ଭୁବନେଶ୍ୱର ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ ଅନୁସଚିବ ସୂର୍ଯ୍ୟସ୍ମିତା ସାହୁଙ୍କୁ ଓଡ଼ିଶା ନିର୍ମାଣ ନିଗମର ପ୍ରଶାସନିକ ଅଧିକାରୀ ଭାବେ ବଦଳି ହୋଇଛି । ଓଏଏସ୍ ତରଣୀ ସୁନାଭ୍‌ଙ୍କୁ ବଲାଙ୍ଗିର ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ମନୋଜ କୁମାର ତ୍ରିପାଠୀଙ୍କୁ ତାଳଚେର ଉପଜିଲ୍ଲାପାଳ, ସ୍ୱାଗତ ଦାସଙ୍କୁ ବିଏମସି ଡେପୁଟି କମିଶନର, ଓଏଏସ୍ ପ୍ରିୟରଞ୍ଜନ ବେହେରାଙ୍କୁ ଜୟପୁର ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଓଏଏସ୍ ଏଲିଜା ମିଶ୍ରଙ୍କୁ କଟକସ୍ଥିତ ବୋର୍ଡ ଅଫ ରେଭନ୍ୟୁରେ ଉପସଚିବ ଭାବେ ବଦଳି ହୋଇଛି ।

## ସ୍ମାର୍ଟସିଟି ଭୁବନେଶ୍ୱରରେ....

ରାଜଧାନୀରେ ଡେଙ୍ଗୁରେ ୨ଟି ମୁଣ୍ଡ ଗଡିଲାଣି ଅଥଚ ସରକାରଙ୍କ ନିଦ ଭାଙ୍ଗୁ ନାହିଁ। ଭୁବନେଶ୍ୱରରେ ଡେଙ୍ଗୁର ଅବସ୍ଥା ଅସମ୍ଭାଳ ହୋଇଥିବାବେଳେ ରାଜ୍ୟ ସରକାର ନିଜର ଅପାରଗତାକୁ ଘୋଡାଇବା ପାଇଁ ତଥ୍ୟ ଲୁଚାଉଛନ୍ତି। ଡେଙ୍ଗୁ ଜନିତ ମୃତ୍ୟୁକୁ ଅସ୍ୱୀକାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଡେଙ୍ଗୁ ମୃତ୍ୟୁକୁ ନମାନିବା ସରକାରଙ୍କ ଅସହାୟତାକୁ ପ୍ରକାଶ କରୁଛି। ରାଜଧାନୀ ଭୁବନେଶ୍ୱର ସମେତ କଟକ ଓ ବିଭିନ୍ନ ସହରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ପ୍ରକାଶଥାଉ କି, ଗତବର୍ଷ ମଶା ଉପଦ୍ରବ ସମୟରେ ବିଏମସି ମଶା ମାରିବା ପାଇଁ "ଡ୍ରୋନ ସ୍ପ୍ରେ ଯୋଜନା"ର ମିଡିଆ ଇଭେଂଟ କରିଥିଲା। ଚଳିତବର୍ଷ ସେ ଡ୍ରୋନ ସ୍ପ୍ରେ କୁଆଡେ ଗଲା ବୋଲି ଶ୍ରୀ ମଲ୍ଲିକ ପ୍ରଶ୍ନ କରିଛନ୍ତି। ରାଜଧାନୀରେ ଡ୍ରେନ ଅବ୍ୟବସ୍ଥା, ରାସ୍ତାରେ ପାଣିଜମା ହେଉଥିବାରୁ ଡେଙ୍ଗୁ ମଶାର ବଂଶ ବିସ୍ତାର ହେଉଛି। ଜଳ ନିଷ୍କାସନ ପାଇଁ ଥିବା ଡ୍ରେନ ପୋତାଯାଇ କେଉଁଠି ବିଲ୍ଡିଂ ହେଲାଣି ତ କେଉଁଠି ରାସ୍ତା, କେଉଁଠି ଠିକାଦାର ଓ ବିଲ୍‌ଡରଙ୍କୁ ଟେକି ଦିଆଯାଉଛି। ଆଉ ଏକ ଅଭାବନୀୟ ଘଟଣା ଯେ, କ୍ୟାପିଟାଲ ହସ୍ପିଟାଲ ପାଚେରୀକୁ କଡରେ ଅଳିଆ ନନ୍ଦମାର ଅସ୍ଥାୟୀ ଡମ୍ପିଂଆଡ ସୃଷ୍ଟି ହୋଇଛି। ଯାହାକି କି ସେଠାରେ ମଶା ବଂଶ ବୃଦ୍ଧିର କାରଣ ପାଉଟିଛି। ସେଠାରେ ଗଦାହୋଇଥିବା ପ୍ଲାଷ୍ଟିକ ଗ୍ଲାସ, ବୋଟଲ୍ ଭିତରେ ପାଣି ଜମି ରହି ମଶା ବଂଶବୃଦ୍ଧି ଘଟୁଛି। ଏହିପରି ରାଜଧାନୀର ଅନେକ ସ୍ଥାନରେ ଅଳିଆ ଆବର୍ଜନାର ଅସ୍ଥାୟୀ ଡମ୍ପିଂଆଡ ଚିନ୍ତାର କାରଣ ପାଲଟିଛି। ଏସବୁ ପ୍ରତି ବିଏମସି ଆଖିବୁଜି ଦେଇଛି। ରାଜଧାନୀରେ ଡେଙ୍ଗୁ ସ୍ଥିତି ନିୟନ୍ତ୍ରଣରେ ନାହିଁ। ଲୋକଙ୍କ ଜୀବନ ଯାଉଛି। ସରକାର ନିଦରୁ ଉଠନ୍ତୁ, ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଡିଣ୍ଡିମ ନପିଟି ବାସ୍ତବିକତାକୁ ଗ୍ରହଣ କରନ୍ତୁ । ରାଜଧାନୀ ସମେତ ସମଗ୍ର ରାଜ୍ୟବାସୀ କିଭଳି ଡେଙ୍ଗୁରୁ ରକ୍ଷା ପାଇବେ ସେଥିପାଇଁ ସ୍ୱାସ୍ଥ୍ୟବିଭାଗ ଓ ବିଏମ୍‌ସି କର୍ତ୍ତୃପକ୍ଷ ଉତର ଦାୟିତ୍ୱ ନିଅନ୍ତୁ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

## ଗ୍ୟାଙ୍ଗଷ୍ଟର ଟିଟୋକୁ ....

କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨ଟି ମାମଲାରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲା ଟିଟୋ। ସର୍ତ୍ତ ଅନୁସାରେ ପ୍ରତି ସପ୍ତାହରେ ଥାନାରେ ହାଜର ନିର୍ଦ୍ଦେଶ ଥିଲା। ତେବେ ସର୍ତ୍ତ କୋହଳ କରିବାକୁ ପୁଣି କୋର୍ଟ ଯାଇଥିଲା ଟିଟୋ। କିନ୍ତୁ କୋର୍ଟ କିଛି ରାୟ ଦେବା ପୂର୍ବରୁ ସେ ଥାନା ହାଜିରା ବନ୍ଦ କରିଦେଇଥିଲା। ଏନେଇ କେନ୍ଦ୍ରାପଡ଼ା ଟାଉନ ଥାନା ପକ୍ଷରୁ କୋର୍ଟକୁ ଅବଗତ କରାଯାଇଥିଲା। କେନ୍ଦ୍ରାପଡ଼ା ଟାଉନ ଥାନା ଆଇଆଇସିଙ୍କ ଆବେଦନକୁ ବିଚାର କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ ମସିହାରେ କେନ୍ଦ୍ରାପଡ଼ା ଟାଉନ ଥାନାର ଏକ ହତ୍ୟା ଅପରାଧ ମାମଲା ଏବଂ ୨୦୧୯ ମସିହାରେ କେନ୍ଦ୍ରପଡ଼ା ସଦର ଥାନାର ଏକ ହତ୍ୟା ଉଦ୍ୟମ ମାମଲାରେ ହାଇକୋର୍ଟ ଟିଟୋଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ସର୍ତ୍ତ ଅନୁଯାୟୀ ପ୍ରତ୍ୟେକ ବୁଧବାର ଏବଂ ରବିବାର ଟାଉନ ଥାନା ଆଇଆଇସିଙ୍କ ନିକଟରେ ଟିଟୋଙ୍କୁ ହଜାର ହେବାକୁ କୁହାଯାଇଥିଲା। ତେବେ ଜାମିନ ପାଇବା ପରଠାରୁ ଟିଟୋ କେବେବି ହାଜର ନହୋଇ ଜାମିନର ସର୍ତ୍ତରେ ପରିବର୍ତ୍ତନ କରିବାକୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆଜି ଉଭୟ ଟିଟୋଙ୍କ ଆବେଦନ ଏବଂ ଆଇଆଇସିଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ଟିଟୋଙ୍କ ଜାମିନ ରଦ୍ଦ କରିବା ସହ ତୁରନ୍ତ ତାଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଖୋଲିଲା ହୀରାକୁଦର ...

ଅବସରରେ ମୋଟ ୫ଟି ସ୍ଲୁଇସ ଗେଟ୍ ଜରିଆରେ ବନ୍ୟାଜଳ ନିଷ୍କାସନ ହେଉଥିଲା। ଆଜି ଅପରାହ୍ଣ ୩ଟା ସୁଦ୍ଧା ଡ୍ୟାମର ଜଳପତ୍ତନ ୬୧୪ ଦଶମିକ ୩୭ ଫୁଟ ରହିଛି। ଏହି ସମୟ ମଧ୍ୟରେ ଡ୍ୟାମ୍ କୁ ସେକେଣ୍ଡ ପ୍ରତି ୧ ଲକ୍ଷ ୨୯ ହଜାର ୧୫୫ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ, ୧ ଲକ୍ଷ ୬୦ ହଜାର ୩୮୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଆସନ୍ତା ୩୧ ତାରିଖ ଦିନ ଜଳଭଣ୍ଡାର ର ଜଳ ପତ୍ତନ କୁ ୬୦୫ ଫୁଟରେ ରଖାଯିବ ।

## ଆଜି ଓଡ଼ିଶା ଆସୁଛନ୍ତି ....

ଦୃଷ୍ଟିରେ ରଖି ୪୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ରାଷ୍ଟ୍ରପତିଙ୍କ କାରକେଡ ଦାୟିତ୍ୱରେ ଏସପି ରାଙ୍କ ଅଧିକାରୀ ରହିବେ ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଆଜି ଫାଇନାଲ ରିହରସିଆଲ କରାଯାଇଛି। ବିମାନବନ୍ଦରରୁ ରାଜଭବନ ପରେ ରାଜଭବନରୁ କାର୍ଯ୍ୟକ୍ରମ ସ୍ଥାନକୁ ଫୁଲ କାରକେଡ ରିହରସିଆଲ କରାଯାଇଛି।

## ସୃଷ୍ଟି ହେଲା....

କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଜୁଲାଇ ୨୦ ତାରିଖରେ ରାଜ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିଲା। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିଥିଲା। କେତେକ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗି ରହିଥିଲା। ଏହାଯୋଗୁ କେଉଁଠି ପୋଲ ଓ ରାସ୍ତା ଉପରେ ପାଣି ଚାଲୁଥିଲା ତ ଆଉ କେଉଁଠି ଭୂସ୍ଖଳନ ହୋଇଥିଲା। ଯାହାଫଳରେ କିଛି ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।

## ଜ୍ଞାନବ୍ୟାପି ମସଜିଦ...

ସବୁ ପ୍ରକାରର ସର୍ଭେ ଉପରେ ରୋକ ଲଗାଇ ଦେଇଛନ୍ତି। ବାରାଣସୀର କାଶୀ ବିଶ୍ୱନାଥ ମନ୍ଦିର ପାଖରେ ଥିବା ଏହି ଜ୍ଞାନବ୍ୟାପି ମସଜିଦରେ ସର୍ଭେ କରିବାକୁ ତଳ କୋର୍ଟ ଏଏସ୍ଆଇକୁ କହିଥିଲେ। କିନ୍ତୁ ଏବେ ସର୍ବୋଚ୍ଚ ଅଦାଲତ ଏହା ଉପରେ ରୋକ ଲଗାଇଛନ୍ତି। ଶୁଣାଣି ବେଳେ କେନ୍ଦ୍ର ସରକାର ସର୍ଭେ ସପକ୍ଷରେ ମତ ରଖିଥିଲେ। ମସଜିଦକୁ କୌଣସି ପ୍ରକାରର କ୍ଷତି ପହଞ୍ଚା ଯିବନାହିଁ ଓ ଏଯାଏ ଏହାର ଗୋଟିଏ ହେଲେ ଇଟାକୁ କଢ଼ା ଯାଇନି କିମ୍ବା କାଢ଼ିବାକୁ ଯୋଜନା ନଥିବା ସର୍ବୋଚ୍ଚ ଅଦାଲତକୁ ଜଣାଇଥିଲେ। ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟଙ୍କୁ କହିଛନ୍ତି, ସର୍ଭେ ବେଳେ କେବଳ ସୀମା ମପା ଯିବ, ଫଟୋ ଉଠାଯିବ ଓ ରାଡରର ଯାଞ୍ଚ କରାଯିବ। ଏହାକୁ ରେକର୍ଡ କରି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି ଯେ "ଯାହା ଜଣାପଡୁଛି ଏଏସ୍ଆଇ ବର୍ତ୍ତମାନ ସ୍ଥିତିରେ ଖୋଳାଖୋଳି କରିବା ମୁଡରେ ନାହିଁ। ଆମେ ଏଏସ୍ଆଇର ବୟାନକୁ ରେକର୍ଡ କରୁଛୁ। ସପ୍ତାହ ଯାଏ ଏଏସ୍ ?ଆଇ ମସଜିଦ ମଧ୍ୟରେ କୌଣସି ପ୍ରକାରର ଖନନ କରିବ ନାହିଁ ବୋଲି କହିଛି।" ସର୍ବୋଚ୍ଚ ଅଦାଲତ ମସଜିସ କମିଟିକୁ ସର୍ଭେ ବିରୋଧରେ ଆହ୍ଲାବାଦ ହାଇକୋର୍ଟରେ ଆବେଦନ କରିବାକୁ କହିଛନ୍ତି। ସିଜେଆଇ କହିଛନ୍ତି, "ମସଜିଦ କମିଟିକୁ ନିଃଶ୍ୱାସ ନେବାକୁ କିଛି ସମୟ ମିଳିବା ଦରକାର। ଆମେ ମସଜିଦ କମିଟିକୁ ଆବେଦନ ପାଇଁ ସମୟ ଦେବା ସହ ଜିଲ୍ଲା କୋର୍ଟଙ୍କ ରାୟକୁ ଜୁଲାଇ ୨୬ ତାରିଖ ସନ୍ଧ୍ୟା ୫ଟା ଯାଏ କାର୍ଯ୍ୟକାରୀ ନ କରିବାକୁ କହୁଛୁ। ଯଦି ଆବେଦନକାରୀ ହାଇକୋର୍ଟଙ୍କୁ ଯାଆନ୍ତି, ତା'ହେଲେ ହାଇକୋର୍ଟର ରେଜିଷ୍ଟାର ଏହାକୁ ଶୁଣାଣି ପାଇଁ ତାଲିକା ଭୁକ୍ତ କରିବେ। ଆଜି ଦିଆଯାଇଥିବା ନିର୍ଦ୍ଦେଶର ସମୟସୀମା ସରିବା ପୂର୍ବରୁ ହିଁ ଆବେଦନର ଶୁଣାଣି ପାଇଁ ବ୍ୟବସ୍ଥା କରିବେ।" ସିଜେଆଇଙ୍କ ବ୍ୟତୀତ ଖଣ୍ଡପୀଠରେ ଜଷ୍ଟିସ ଜେବି ପାରଡିୱାଲା ଓ ଜଷ୍ଟିସ ମନୋଜ ମିଶ୍ର ମଧ୍ୟ ରହିଛନ୍ତି। ଜ୍ଞାନବ୍ୟାପୀ ମସଜିଦ ମଧ୍ୟରେ ଥିବା ହିନ୍ଦୁ ଦେବଦେବୀଙ୍କ ନିୟମିତ ପୂଜାର୍ଚ୍ଚନା କରିବା ଦାବିରେ କିଛି ହିନ୍ଦୁ ମହିଳା ୨୦୨୧ରେ ଉତ୍ତର ପ୍ରଦେଶର ଜିଲ୍ଲା କୋର୍ଟରେ ଆବେଦନ କରିଥିଲେ। ଜିଲ୍ଲା କୋର୍ଟ ଏହାର ଶୁଣାଣି କରି ଭିଡିଓ ସର୍ଭେ ପାଇଁ କହିଥିଲେ। ସର୍ଭେ ବେଳେ ସାମ୍ନାକୁ ଆସିଥିବା ଭିଡିଓ ଓ ଫଟୋକୁ ଦେଖି କିଛି ଲୋକ ମସଜିଦ ଭିତରେ ଶିବଲିଙ୍ଗ ଥିବା ଦାବି କରିଥିଲେ। ତେବେ ଏହାକୁ ମସଜିଦ କମିଟି ବିରୋଧ କରିବା ସହ ଏହା ୱୁଜୁଖାନାରେ ଥିବା ଗୋଟିଏ ଫାଉଣ୍ଟେନର ଅଂଶ ବିଶେଷ ବୋଲି କହିଥିଲା। ପ୍ରାର୍ଥନା ପୂର୍ବରୁ ଏଠାରେ ଇସଲାମ ଧର୍ମର ଲୋକମାନେ ହାତ ଓ ଗୋଡ଼ ଧୋଇ ଥାଆନ୍ତି। ଘଟଣାର ଗୁରୁତ୍ୱକୁ ଦେଖି ସୁପ୍ରିମକୋର୍ଟ ୱୁଜୁଖାନାକୁ ଅଞ୍ଚଳକୁ ସିଲ୍ କରି ଦେଇଥିଲେ। ଏବେ ପୁଣି ଜିଲ୍ଲା କୋର୍ଟ ବିବାଦୀୟ ଅଞ୍ଚଳକୁ ଛାଡ଼ି ଜ୍ଞାନବ୍ୟାପିରେ ସର୍ଭେ କରିବାକୁ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଥିଲେ।

## ହ୍ୱାଟସ୍ଆପ୍‌ରେ...

ଯଦି ମୁରଲୀଧର ୫୦ ଲକ୍ଷ ଟଙ୍କା ନ ଦେବେ, ତା'ହେଲେ ୬ ବିଚାରପତିଙ୍କୁ ଦୁବାଇର ଗ୍ୟାଙ୍ଗ ପକ୍ଷରୁ ହତ୍ୟା କରାଯିବ ବୋଲି କୁହାଯାଇଛି। ମେଜେସରେ କିଛି ନମ୍ବର ଦିଆଯିବା ସହ ସେମାନେ କୁଆଡ଼େ ଗ୍ୟାଙ୍ଗର ଭାରତୀୟ ଶୁଟର ବୋଲି ଦାବି କରାଯାଇଛି ।ମୁରଲୀଧରଙ୍କ ଅଭିଯୋଗ ପରେ ଆଇପିସି ଓ ଆଇଟି ଆକ୍ଟର ବିଭିନ୍ନ ଦଫାରେ ବେଙ୍ଗାଲୁରୁର ସିଇଏନ କ୍ରାଇମ ପୁଲିସ୍ ଷ୍ଟେସନରେ ମାମଲା ରୁଜୁ କରାଯାଇଛି। ପୁଲିସ୍ ମେସେଜ ଆସିଥିବା ନମ୍ବରର ଏବେ ଯାଞ୍ଚ ଆରମ୍ଭ କରିଛି।

# ବନମହୋତ୍ସବରେ ଯୁଗଶ୍ରୀ ଟ୍ରଷ୍ଟ୍ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୨୪/୦୭ (ନି.ପ୍ର): ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ଉତ୍ତାପ ବୃଦ୍ଧି ହେତୁ ବୃକ୍ଷରୋପଣ ଓ ସବୁଜିମା ସୁରକ୍ଷା ଉପରେ ପରିବେଶବିତ୍‌ମାନେ ଗୁରୁତ୍ୱ ଆରୋପ କରିଛନ୍ତି। ଆଜି ସେହି କ୍ରମରେ ପଂଚାୟତ ହାଇସ୍କୁଲ୍ ଗୋପୀନାଥପୁର ଠାରେ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ୍‌ର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ, ଅଭିଭାବକ ଓ ଯୁଗଶ୍ରୀ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ରହି ବିଦ୍ୟାଳୟରେ ବୃକ୍ଷରୋପଣ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ହରିପଦ ଭୂୟାଁ ବିଷୟ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ ଯୁଗଶ୍ରୀ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ମମତା ମହାପାତ୍ର, ସମାଜସେବୀ ଶ୍ରୀମତୀ ସଂଯୁକ୍ତା ମହାପାତ୍ର, ଶ୍ରୀମତୀ ସ୍ମୃତି ଦାସ, ଶ୍ରୀ ନନୀଗୋପାଳ ଦାସ, ଶ୍ରୀ ଚକ୍ରଧର ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଦିଗରେ ବୃକ୍ଷମାନଙ୍କର ଭୂମିକା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲ। ଛାତ୍ରଛାତ୍ରୀମାନେ ବୃକ୍ଷ ସୁରକ୍ଷା ଦିଗରେ ଶପଥପାଠ କରିଥିଲେ ଓ ସେମାନଙ୍କୁ ବୃକ୍ଷରୋପଣ ନିମନ୍ତେ ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଓ ସଚେତନତା ସଭାକୁ ଶ୍ରୀମତୀ କୁମୁଦିନୀ ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ, ଅଜିତ୍ କୁମାର ଦାସ, ଶୈଳେଶ ଚନ୍ଦ୍ର ଚୌଧୁରୀ, ରଞ୍ଜିତ୍ ବାରିକ, ଦେବେନ୍ଦ୍ର କୁମାର ମିଶ୍ର, ଗୟାଧର ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଟ୍ରଷ୍ଟର ଟ୍ରଷ୍ଟି ଗୀତାଞ୍ଜଳି ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଉଦଳା ସିଟିଜେନ ଫୋରମ ଆନୁକୁଲ୍ୟରେ ଆଲୋଚନାଚକ୍ର



ଉଦଳା , ୨୪/୦୭ (ନି.ପ୍ର): ଉଦଳା ସିଟିଜେନ ଫୋରମ ଆନୁକୁଲ୍ୟରେ ଚଳିତ ଜୁଲାଇ ୨୩ ତାରିଖ ରବିବାର ଦିନ ହୋଟେଲ ସିପ୍ରନ ପରିସରରେ ପୂଜା ପୂଜା ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଉଦଳା ଓକିଲ ସଂଘର ସଭାପତି ଲମ୍ବୋଦର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୂରଭ ସିଟିଜେନ ଫୋରମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମୟୂରଭର ସାମଗ୍ରୀକ ବିକାଶ କ୍ଷେତ୍ରରେ ଫୋରମ କିପରି କାମ କରିଛି ବିସ୍ତୃତ ବର୍ଣ୍ଣନା କରିବା ସହ ଉଦଳା ସିଟିଜେନ ଫୋରମ ତରଫରୁ ଏଣିକି ନିୟମିତ ତ୍ରିମାସିକ ପ୍ରତିକା 'ପ୍ରଣାମ ଉଦଳା' ପ୍ରକାଶ ପାଇବ ବୋଲି ସୂଚନା ପ୍ରଦାନ କରି ଉକ୍ତ ପତ୍ରିକାର ସମ୍ପାଦନା ଦାୟିତ୍ୱ ପ୍ରମିଳା ପଣ୍ଡାଙ୍କୁ ପ୍ରଦାନ କରାଗଲା ଘୋଷଣା କରିଥିଲେ । ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଦିଲିପ କୁମାର ଦୀକ୍ଷିତ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପୂଜା ପୂଜା ପରମ୍ପରା ଆମ ଦେଶର ଏକ ସଂସ୍କୃତି ଏହା ପୁରାଣ ଯୁଗରୁ ରହି ଆସିଥିବାର କଥା ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଉଦଳା ସହରର ଉନ୍ନତି ପାଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ପାଣିପଂଚାୟତର ସଭାପତି ଯଜ୍ଞନାରାୟଣ ମହାନ୍ତି, ମୟୂରଭ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରାଜକିଶୋର ଆଚାର୍ଯ୍ୟ, ଉଦଳା ରୋଟାରୀ କ୍ଲବର ପ୍ରତିଷ୍ଠାତା ଇନିୟ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଉଦଳା ଗଠନରେ ସାରଥୀ ସାଜିଥିବା ଦିବଂଗତ ବ୍ୟକ୍ତିବିଶେଷଙ୍କର ଅବଦାନକୁ ମନେ ପକାଇଥିଲେ । ପ୍ରାରମ୍ଭରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ହିମାଦ୍ରୀ ଶେଖର ପାଲ, ରବିନ ମହାନ୍ତି, ସନ୍ତୋଷ ବାଛିନି, ଜଗବନ୍ଧୁ ପ୍ରଧାନ, ସୁବ୍ରତ କୁମାର ମହାନ୍ତି, ସୋମନାଥ ସାହୁ, ରବିନ୍ଦ୍ର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

# ମଣିପୁର ହିଂସା ଓ ମହିଳାଙ୍କ ଉପରେ ବର୍ବର ପାଶବିକତା ପ୍ରତିବାଦରେ ରାଜଧାନୀରେ ମହିଳାଙ୍କ ଧାରଣା

ଭୁବନେଶ୍ୱର, ୨୪/୦୭ (ନି.ପ୍ର): ମଣିପୁର ରାଜ୍ୟରେ ୩ମାସଧରି ଚାଲିରହିଥିବା ହିଂସା ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସହିତ ମହିଳା ଓ ଶିଶୁମାନଙ୍କ ଉପରେ ଜଘନ୍ୟ ଅତ୍ୟାଚାର ପ୍ରତିବାଦରେ ଆଜି ଉତ୍କଳ ମହିଳା ସମିତି ପକ୍ଷରୁ ସଭାପତି ପ୍ରମୋଦିନୀ ପାଇକରାୟ, ରାଜ୍ୟ କାର୍ଯ୍ୟକାରୀ ସଭାପତି କୃଷ୍ଣପ୍ରିୟା ମିଶ୍ର, ସଂପାଦିକା ଜିନ୍ମୟୀ ସାହାଣୀ ଓ ରାଜ୍ୟ ଉପ-ସଭାପତି ଅଭାମୟୀ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ ମହିଳା କର୍ମୀଙ୍କର ଏକ ଶୋଭାଯାତ୍ରା ଅଶୋକନଗରରୁ ବାହାରି ରାଜମହଲ ଛକ ଓ ଅଶୋକନଗର ଅଂଚଳ ପରିକ୍ରମା ପୂର୍ବକ ମାଷ୍ଟରକ୍ୟାଣ୍ଟିନ ଛକଠାରେ ପହଂଚିଥିଲା।

## ରାଜ୍ୟସଭାରୁ ଆପ୍...

ବିରୋଧୀ ଏକାଠି ହୋଇଥିଲେ। ସେ ସରକାରୀ ପକ୍ଷଙ୍କୁ ଅଡୁଆରେ ପକାଇଥିଲେ। ତେଣୁ ସେମାନେ ତାଙ୍କର ସ୍ୱରକୁ ଚାପି ଦେବାକୁ ସବୁ ପ୍ରକାରର ଚେଷ୍ଟା କରିଛନ୍ତି। କିନ୍ତୁ ସେମାନେ ଯାହା ବି କଲେ କିଛି ଫରକ ପଡ଼ିବ ନାହିଁ। ସେମାନେ ନୂଆ ଭେଳିକି ଦେଖାନ୍ତୁ କିମ୍ବା ସିବିଆ ଓ ଇଡି ଭଳି ତଦନ୍ତକାରୀ ସଂସ୍ଥାକୁ ଲଗାନ୍ତୁ, ବିଜେପି ସରକାର ଫେରିବା ବେଶ କଷ୍ଟକର ବୋଲି ଦଳ କହିଛି। ଶ୍ରୀ ସିଂହଙ୍କ ନିଲମ୍ବନ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଅଧ୍ୟକ୍ଷ ଜଗଦୀପ ଧନକର ରାଜ୍ୟସଭାରେ ବିରୋଧୀ ଦଳର ନେତାମାନଙ୍କୁ ଡାକିଥିଲେ। ଆପ ପକ୍ଷରୁ ରାଘବ ଚଡ୍ଡା ଓ ଟିଏମସି ପକ୍ଷରୁ ଶାନ୍ତନୁ ସେନ ବୈଠକରେ ଯୋଗ ଦେବାରୁ ଏହାକୁ ଅଧ୍ୟକ୍ଷ ଧନକର ବିରୋଧ କରିଥିଲେ। ତେଣୁ ବିରୋଧୀ ଦଳର ନେତାମାନେ ଉକ୍ତ ବୈଠକରୁ ବିନା ଆଲୋଚନାରେ ବାହାରି ଯାଇଥିଲେ। ଆଜି ରାଜ୍ୟସଭାର କାର୍ଯ୍ୟ ଗୋଟିଏ ଘଣ୍ଟାର ମୁଲତବୀ ପରେ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷ ଧନକର ପ୍ରଶ୍ନକାଳ ଆରମ୍ଭ କରିବାକୁ କହିଥିଲେ। ହେଲେ ବିରୋଧୀ ଦଳଗୁଡ଼ିକ ରୁଲ ୨୬୭ ଅନୁସାରେ ମଣିପୁର ହିଂସା ଉପରେ ମୁଲତବୀ ନୋଟିସ ଦେଇଥିବାରୁ ଆଲୋଚନା ପାଇଁ ଜିଦ କରିଥିଲେ। ତଥାପି ଧନକର କିଛି ବି ଶୁଣି ନଥିଲେ। ସେ ପ୍ରଶ୍ନକାଳ ଜାରି ରଖିଥିଲେ। ଏହାକୁ ବିରୋଧ କରି ସଞ୍ଜୟ ସିଂହ ଗୃହର ମଧ୍ୟଭାଗକୁ ଆସି ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଇଥିଲେ। ସେ ପ୍ରଶ୍ନକାଳକୁ ବାତିଲ କରି ମଣିପୁର ହିଂସା ଉପରେ ଆଲୋଚନା କରିବାକୁ ଦାବି କରିଥିଲେ। ତାଙ୍କୁ ଧନକର ବାରମ୍ବାର ନିଜ ଆସନକୁ ଯିବା ପାଇଁ କହିଥିଲେ ମଧ୍ୟ ସେ କିଛି ବି ଶୁଣି ନଥିଲେ। ତେଣୁ ତାଙ୍କୁ ନିୟମ ଉଲ୍ଲଙ୍ଘନ ଓ ବିଶୃଙ୍ଖଳା ଆଚରଣ ପାଇଁ ନିଲମ୍ବନ କରାଯାଇଥିଲା। ଭୟସ ଭୋଟ ଦ୍ୱାରା ପୀୟୁଷ ଗୋଏଲ ଆଣିଥିବା ପ୍ରସ୍ତାବ ବଳରେ ତାଙ୍କୁ ମୌସୁମୀ ଅଧିବେଶନରୁ ନିଲମ୍ବିତ କରାଯାଇଛି।

## ଗଞ୍ଜେଇ କାରବାରରେ...


ଶ୍ରୀ ପାଣିଗ୍ରାହୀଙ୍କ ଭଡା ଘରୁ ୪୨ କିଲୋରୁ ଅଧିକ ଗଞ୍ଜେଇ ଜବତ ହୋଇଥିଲା । ତାଙ୍କୁ ତୁରନନ୍ତ ଗିରଫ କରାଯିବା ସହିତ ତାଙ୍କ ବିରୁଦ୍ଧରେ ଏନଡିପିଏସ ଅଧିନିୟମ ୧୯୮୫ ଅନୁଯାୟୀ ମାମଲା ରୁଜୁ ହେବା ସହିତ ସେହିଦିନ କୋର୍ଟ ଚାଲାଣ କରାଯାଇଥିଲା । ଚଳିତ ମାସ ୧୮ ତାରିଖରେ ଗିରଫ କନେଷ୍ଟବଳଙ୍କ ବିରୁଦ୍ଧରେ ଚାର୍ଜ ଫ୍ରେମ ହୋଇଥିଲା । ଏଥିରେ ଓଡିଶା ସରକାରୀ ସେବା ଆଇନ ୧୯୫୯ର ଉଲ୍ଲଙ୍ଘନ ସହିତ ତାଙ୍କ ବିରୁଦ୍ଧରେ ବେଆଇନ ଗଞ୍ଜେଇ କାରବାର କରୁଥିବା ଦର୍ଶାଯାଇଥିଲା । ଇତି ମଧ୍ୟରେ ରାୟଗଡା ଅବକାରୀ ସୁପରିଟେଣ୍ଡେଣ୍ଟ ଦେଇଥିବା ରିପୋର୍ଟରେ ଅବକାରୀ କନେଷ୍ଟବଳ ଦୀପକ ପାଣିଗ୍ରାହୀ ନ୍ୟାୟିକ ହେପାଜତରେ ଥିବା ଏବଂ ତାଙ୍କ ବିରୁଦ୍ଧରେ ରୁଜୁ ଫୌଜଦାରୀ ମାମଲାର ତଦନ୍ତ ଚାଲିଥିବା ଦର୍ଶାଇଥିଲେ । ଅବକାରୀ ପୋଷାକରେ ଥାଇ ଗଞ୍ଜେଇ ଭଳି ବେଆଇନ ନାର୍କୋଟିକ୍ସ କାରବାରରେ ଲିପ୍ତ ରହି ଗିରଫ ହେବାପରେ କନେଷ୍ଟବଳ ଶ୍ରୀ ପାଣିଗ୍ରାହୀ କେବଳ ଅବାକରୀ ବିଭାଗକୁ ଅପମାନିତ କରିନାହାନ୍ତି ସମଗ୍ର ସମାଜ ପାଇଁ ଏକ ଖରାପ ବାର୍ତ୍ତା ଦେଇଛନ୍ତି । ସେହିଭଳି ଚଳିତବର୍ଷ ମାର୍ଚ୍ଚ ୧୪ ତାରିଖରୁ ସେ ନ୍ୟାୟିକ ହେପାଜତରେ ଥିବାରୁ ତାଙ୍କ ବିରୁଦ୍ଧରେ ଆଉ ତଦନ୍ତ କରାଯିବା ଆବଶ୍ୟକ ନାହିଁ ବୋଲି କୁହାଯାଇଥିଲା । ରାଜ୍ୟ ଅବକାରୀ କମିଶନରଙ୍କ ନିକଟରେ ଅବକାରୀ କନେଷ୍ଟବଳଙ୍କ ନିଯୁକ୍ତି, ବଦଳି, ପଦୋନ୍ନତି ସହିତ ସମସ୍ତ ପ୍ରକାର କ୍ୟାଡର ପରିଚାଳନା କ୍ଷମତା ରହିବା ସହିତ ୨୦୨୩ ଜୁନ ୮ ତାରିଖରେ ଅବକାରୀ ବିଭାଗର ସଙ୍କଳ୍ପ ଅନୁଯାୟୀ କନେଷ୍ଟବଳମାନଙ୍କୁ ଚାକିରିରୁ ବିଦା କରିବାର କ୍ଷମତା ମଧ୍ୟ ତାଙ୍କ ନିକଟରେ ରହିଛି । ସେହି କ୍ଷମତା ବଳରେ ଅବକାରୀ କମିଶନର ଶ୍ରୀ ଭୋଳ ଆଜି ସମ୍ପୃକ୍ତ ଅବକାରୀ କନେଷ୍ଟବଳ ଶ୍ରୀ ପାଣିଗ୍ରାହୀଙ୍କୁ ଚାକିରିରୁ ବିଦା କରିଛନ୍ତି । ତଦନୁଯାୟୀ କନେଷ୍ଟବଳ ଶ୍ରୀ ପାଣିଗ୍ରାହୀଙ୍କୁ ଅବକାରୀ ଚାକିରିରୁ ତତ୍କାଳ ଭାରମୁକ୍ତ କରାଯାଇଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଭଦ୍ରକ ବ୍ଲକରେ ଜନ ଶୁଣାଣି ଶିବିର

ଭଦ୍ରକ, ୨୪/୦୭ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍.ପି. ବରୁଣ ଗୁଂଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୮୩ ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ୭୮ଟି ବ୍ୟକ୍ତିଗତ ଓ ୫ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ରେଡ଼କ୍ରସ୍ ସମ୍ବନ୍ଧୀୟ ୬ଜଣ ଆବେଦନକାରୀଙ୍କୁ ୫୨ ହଜାରା ଓ ସି.ଏମ୍.ଆର୍.ଏଫ୍‌ରୁ ଜଣଙ୍କୁ ୨୦ ହଜାର ଟଙ୍କା ସମୁଦାୟ ୭୨ ହଜାର ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଜିଲ୍ଲାପରିଷଦ, ଭଦ୍ରକର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତୀମୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ସନ୍ତୋଷ କୁମାର ପାତ୍ର, ଭଦ୍ରକ ବ୍ଲକ୍ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ବି.ଡ଼ି.ଓ ସୀତାକାନ୍ତ ରାଉତ ପ୍ରମୁଖ ଏହି ଶିବିରରେ ଜନାଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ସୂଚନାଯୋଗ୍ୟକି ଜିଲ୍ଲା ରେଡ଼କ୍ରସ୍ ପାଣ୍ଠିରୁ ଭଦ୍ରକ ବ୍ଲକ ସରଗଡ଼ିଆର ଦିବ୍ୟାଙ୍ଗ ଦିବ୍ୟସିଂହ ନାୟକଙ୍କୁ ଆର୍ଥିକ ସହାୟତା ବାବଦ ୫ ହଜାର ଟଙ୍କା, ନଦୀଗାଁ, ଧୁଷୁରୀର ମହମ୍ମଦ ହନିଫ୍‌ଙ୍କୁ ଚିକିତ୍ସା ପାଇଁ ୫ ହଜାର ଟଙ୍କା, ପଲ୍ଲି, ପଗଡ଼, ଭଦ୍ରକ ବ୍ଲକ୍‌ର ନିରଞ୍ଜନ ସିଂଙ୍କୁ ଚିକିତ୍ସା ପାଇଁ ୨୦ ହହାର ଟଙ୍କା, ଜଗଦଲପୁର, ଭଦ୍ରକର ମମତା ପ୍ରିୟଦର୍ଶିନୀ ସୂତାରଙ୍କ ବାପାଙ୍କ ମୃତ୍ୟୁ ପରେ ନର୍ସିଂ ପାଠପଢ଼ା ପାଇଁ ଆର୍ଥିକ ସମସ୍ୟା ଯୋଗୁ ତାଙ୍କୁ ୧୫,୦୦୦ଟଙ୍କା, ଜାନୁଗଞ୍ଜ, ଭଦ୍ରକର ବିମଳା ଦାସଙ୍କୁ ଚିକିତ୍ସା ପାଇଁ ୫୦୦୦ଟଙ୍କା, ବାସୁଦେବପୁର କଟି ପଲାଇଙ୍କୁ ଅସହାୟତା ପାଇଁ ୨୦୦୦ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଡ଼େପୁଟୀ କଲେକ୍ଟର ରାଜୀବ ହାଁସଦା, ଆସିଷ୍ଟାଂଟ କଲେକ୍ଟର ଚିତ୍ତ ରଞ୍ଜନ ସେଠୀ, ସାଧାରଣ ବିବିଧ ବିଭାଗର ଅଭିନେତ୍ରୀ ମହାନ୍ତି, ଲିସାରାଣୀ ରାଉତ, ଭଦ୍ରକ ବ୍ଲକର ଅଜୟ କୁମାର ନାୟକ ପ୍ରମୁଖ ଏହି ଶିବିର ପରିଚାଳନାରେ ଅଭିଯୋଗ ପଞ୍ଜିକରଣ, ଉପସ୍ଥାପନା ଆଦି ଆନୁସଂଗିକ ଦାୟିତ୍ୱ ନିର୍ବାହ କରିଥିଲେ ।

# ଅମୃତ ଯୋଜନାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ



ନୀଳଗିରି, ୨୪/୦୭ (ନି.ପ୍ର): ନୀଳଗିରି ଏନ ଏ ସି ର ୧୩ଗୋଟି ୱାର୍ଡ ର ବିଭିନ୍ନ ଅଞ୍ଚଳ ର ଅଧିବାସୀ ମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୯କୋଟିର ଅନୁଦାନ ଅର୍ଥ ରାଜ୍ୟ ସରକାର ଅମୃତ ଯୋଜନାରେ ପ୍ରଦାନ କରିଥିବାବେଳେ ଠିକାଦାର ଜଣକ ସବୁ ଗାଆଁରେ ପକା ରାସ୍ତାକୁ ତାଡି କଦର୍ଯ୍ୟ କରି ଥିବାବେଳେ ତାହାକୁ ମରାମତି ପାଇଁ ନା ଦର୍ଶନ ଧରୁନଥିବାରୁ ଅଞ୍ଚଳବାସୀ ଯାତାୟତରେ ଅସୁବିଧାରେ ପଡୁଛନ୍ତି । ବହୁବାର ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେବି ସଫଳ ମିଳିପାରିନାହିଁ । ଛୋଟ ଛୋଟ ପିଲାମାନେ ଯାତାୟତରେ ବହୁ ଅସୁବିଧାରେ ପଡୁଛନ୍ତି । ମାସ ମାସ ଧରି ଠିକାଦାର ଜଣକ ପ୍ରକଳ୍ପ କାର୍ଯ୍ୟକୁ ଅଧା ପନ୍ତରୀଆ କରି ପକାଇଛନ୍ତି । ପକ୍କା ରାସ୍ତା କୁ ତାଡ଼ି ପାଇପ ଲାଇନ୍ ବିଛାଇଥିବା ବେଳେ ପାଣି ସଂଯୋଗ ହୋଇନଥିବାରୁ ଅଞ୍ଚଳବାସୀ ପିଇବା ପାଣି ପାଇଁ ପୋଖରୀ ନଳକୂପ ଉପରେ ଭରସା କରୁଛନ୍ତି । ଅଞ୍ଚଳବାସୀ ପିଇବା ପାଣି ପାଉଛନ୍ତି ନା କଂକ୍ରିଟରାସ୍ତାକୁ ମରାମତି କରାଯାଉଛି ? ରତ୍ନାକର ଟାଉନ୍ ହାଇସ୍କୁଲ ରାସ୍ତାକୁ ତାଡି କଦର୍ଯ୍ୟ କରି ମାସ ମାସ ଧରି ପକାଇଥିବା ଯୋଗୁଁ ସ୍କୁଲ ପିଲାମାନେ ଯାତାୟତରେ ଅସୁବିଧା ଭୋଗୁଛନ୍ତି । ଏନେଇ ବିଭାଗର ଯନ୍ତ୍ରୀଙ୍କୁ ପଚାରିବାରୁ ସନ୍ତୋଷ ଜନକ ଉତ୍ତର ଦେଇନଥିଲେ ।

# ଓଡ଼ିଶାର ପୁରାତନ ସାଂସ୍କୃତିକ ଅନୁଷ୍ଠାନ ମନମୋହନ ସଂଗୀତ ପରିଷଦର ନୂତନ କାର୍ଯ୍ୟକାରୀ କମିଟି ଗଠିତ



ଭଦ୍ରକ, ୨୪/୦୭ (ନି.ପ୍ର): ଓଡ଼ିଶାର କଳା - ସଂସ୍କୃତି ଜଗତରେ ନୃତ୍ୟ - ସଂଗୀତ - ନାଟକ ଓ ଲୋକ ନାଟକ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପୁରାତନ ସାଂସ୍କୃତିକ ସଂଗଠନ ମନମୋହନ ସଂଗୀତ ପରିଷଦ, ଭଦ୍ରକର ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି । ଅନୁଷ୍ଠାନର ସଭାପତି ବିଶିଷ୍ଟ ଆଇନଜ୍ଞ ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ରାୟରାମାନନ୍ଦ ମହାପାତ୍ର ଏବଂ ସମ୍ପାଦକ ବରିଷ୍ଠ ସାମ୍ବାଦିକ ତଥା ସାଂସ୍କୃତିକ ସଂଗଠକ ସ୍ୱର୍ଗତ ଭଜଗୋବିନ୍ଦ ଜେନାଙ୍କର ଅକାଳ ବିୟୋଗ ଘଟିଥିବାରୁ ଗତ ୨ମାସ ଧରି ଅନୁଷ୍ଠାନର ଏହି ଦୁଇଟି ପଦବୀ ଖାଲି ରହି ପରିଚାଳନା କ୍ଷେତ୍ରରେ ସମସ୍ୟା ଦେଖା ଦେଉଥିଲା । ଉପସଭାପତି ବ୍ୟୋମକେଶ ସେନାପତି ଏବଂ ଯୁଗ୍ମ ସଂପାଦକ ନିମାନନ୍ଦ ସାହୁଙ୍କ ଦ୍ୱାରା କାମଚଳା ଯାଉଥିଲା । ସେଥିପାଇଁ ଦୁଇଟି ସାଧାରଣ ବୈଠକ ଆଗତ କରାଯାଇ ନୂତନ କମିଟି ଗଠନ ପାଇଁ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଥିବାରୁ ତାହା ସମାପନ କରାଯାଇଛି । ସଭାପତି ଭାବେ ଭଦ୍ରକର ବିଶିଷ୍ଟ ଶ୍ରମିକ ନେତା ଆଇନଜୀବୀ ଦିବ୍ୟସିଂହ ନାୟକ, ସମ୍ପାଦକ ଭାବେ ବିଶିଷ୍ଟ ସଂଗୀତଜ୍ଞ ତଥା ସେବାନିବୃତ ବ୍ୟାଙ୍କ ଅଧିକାରୀ ରାମନାରାୟଣ ମହାନ୍ତି, ଉପସଭାପତି ଭାବେ ଭଦ୍ରକର ବିଶିଷ୍ଟ ସମାଜସେବୀ ବ୍ୟୋମକେଶ ସେନାପତି ଏବଂ ବିଶିଷ୍ଟ ଜନନେତା ସମାଜସେବୀ ଅଜୟ ନାୟକ, ଯୁଗ୍ମ ସମ୍ପାଦକ ଭାବେ ସଂଗୀତଜ୍ଞ କୃଷ୍ଣଚନ୍ଦ୍ର ପଣ୍ଡା, ସଂଗୀତ ଶିଳ୍ପୀ ସୁରେଶ ଚନ୍ଦ୍ର ଜେନା, କୋଷାଧକ୍ଷ ଭାବେ ସେବାନିବୃତ ପ୍ରଶାସିନକ ଅଧିକାରୀ ଆଦିତ୍ୟ କୁମାର ନାୟକ ଏବଂ ଅଧକ୍ଷ ଭାବରେ ସଂଗୀତ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାମ, କଳାକାର ନିମାନନ୍ଦ ସାହୁ, ପ୍ରଫୁଲ୍ଲ କୁମାର ଦାସ, ସମାଜସେବୀ ସୁଧାକର ରାଉତ ଓ ଗୋଲକ ଚନ୍ଦ୍ର ପଣ୍ଡା, କଣ୍ଠଶିଳ୍ପୀ ତଥା ଅଭିନେତ୍ରୀ ସୁମତୀ ପଣ୍ଡାଙ୍କୁ ସର୍ବସମ୍ମତ କ୍ରମେ ମନୋନୀତ କରାଯାଇଥିବା ବେଳେ ଆମନ୍ତ୍ରିତ ସଭ୍ୟ ଭାବେ ବରିଷ୍ଠ ମଞ୍ଚ କଳାକାର ଇଂ ଅମ୍ବିକାବଲ୍ଲଭ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା । ଉକ୍ତ ବୈଠକରେ ସାଧାରଣବର୍ଗ ସଦସ୍ୟମାନଙ୍କ ଭିତରୁ ମଞ୍ଚ କଳାକାର କାଳନ୍ଦୀ ମଲ୍ଲିକ, ସଂଗୀତଜ୍ଞ ସୁରେନ୍ଦ୍ର କୁମାର ଗାହାଣ, ସଂଗୀତ ଗୁରୁ ରାମନାରାୟଣ ପଣ୍ଡା, ନୃତ୍ୟଗୁରୁ କେଶବ ଚନ୍ଦ୍ର କର ଓ କଳାକାର ସରୋଜ ପଣ୍ଡାଙ୍କ ସହିତ ଅନ୍ୟ ସମସ୍ତ ସଦସ୍ୟମାନେ ବୈଠକ ପରିଚାଳନାରେ ସହଯୋଗ କରିବା ସହ ଆଷଲାଚନାରେ ଅଂଶ ଗ୍ରହଣ କରି ନିଜ ନିଜର ମତାମତ ରଖିଥିଲେ ।

# ସ୍ୱାଧିନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ଉଦଳା, ୨୪/୦୭ (ନି.ପ୍ର): ସମଗ୍ର କପ୍ତିପଦା ଉପଖଣ୍ଡର ଉଦଳା ଏକ ମାତ୍ର ଉଚ୍ଚ ବିଦ୍ୟାଳୟ ଯେଉଁଠି ସମର ଶିକ୍ଷାର୍ଥି ବାହିନୀ (ଏନ୍.ସି.ସି) ରହିଥିଲା । ସେଥିପାଇଁ ଉକ୍ତ ବିଦ୍ୟାଳୟର ସୁନାମ ସବୁଠି ଶୁଣିବାକୁ ମିଳୁଥିଲା । ବିଶେଷ କରି ସ୍ୱାଧିନତା ଦିବସ ଓ ଗଣତନ୍ତ୍ର ଦିବସରେ ଅନୁଷ୍ଠିତ ଉପଖଣ୍ଡ ସ୍ତରୀୟ ପ୍ୟାରେଡ଼ରେ ଏନ୍.ସି.ସି. ଛାତ୍ର ଛାତ୍ରୀ ମାନେ ବାରି ହୋଇ ପଡୁଥିଲେ । ଏହି ଛାତ୍ର ଛାତ୍ରୀ ମାନଙ୍କର ପ୍ୟାରେଡ଼ ଦେଖିବା ପାଇଁ ବହୁ ସଂଖ୍ୟାରେ ଦର୍ଶକ ଭିଡ଼ ଜମାଉଥିଲେ । ପ୍ୟାରେଡ଼ ପରିଚାଳନା ଦାୟିତ୍ୱରେ ଉଦଳା ମହାବିଦ୍ୟାଳୟ ଓ ଉଦଳା ଉଚ୍ଚ ବିଦ୍ୟାଳୟର ଏନ୍.ସି.ସି. ଅଧିକାରୀ ଦ୍ୱୟ ଦାୟିତ୍ୱ ତୁଲାଉଥିଲେ । କିନ୍ତୁ ଉଦଳା ଉଚ୍ଚ ବିଦ୍ୟାଳୟର କୌଣସି ଶିକ୍ଷକ ତାଲିମ ନଯିବା ଫଳରେ ଉଚ୍ଚ ବିଦ୍ୟାଳୟରୁ ସବୁଦିନ ପାଇଁ ଏନ୍.ସି.ସି. ଉଠି ଯାଇଥିବାର ଜଣା ଯାଇଛି । ଏ ବାବଦରେ ଆଜି ଜୁଲାଇ ୨୪ ତାରିଖ ସୋମବାର ଦିନ ୭୭ ତମ ସ୍ୱାଧିନତା ଦିବସ ପାଳନର ପ୍ରସ୍ତୁତି ବୈଠକରେ ବେଶ ସ୍ପଷ୍ଟ ବାରି ହୋଇ ପଡ଼ିଛି । ତେଣୁ ଉଚ୍ଚ ବିଦ୍ୟାଳୟର ଏନ୍.ସି.ସି. ଛାତ୍ର ଛାତ୍ରୀଙ୍କୁ ଆଉ କୌଣସି ଦିନ ଦେଖିବାକୁ ମିଳିବ ନାହିଁ ।

# ବାମପନ୍ଥୀ ମହିଳା କର୍ମୀଙ୍କ ପରଲୋକ



ଜଳେଶ୍ୱର, ୨୪/୦୭ (ନି.ପ୍ର): ଜଳେଶ୍ୱର ବ୍ଲକ ନଛିମପୁର ପଂଚାୟତ ଦେଉଳା ଗାଁର ଚାରୁମଣି ସିଟ (୭୨)ଙ୍କ ରବିବାର ମଧ୍ୟରାତିରେ ପରଲୋକ ହୋଇଛି । ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନତି ରୋଗରେ ପିଡିତ ଥିଲେ । ତୃଣମୂଳ ସ୍ତରରେ ସେ ଗ୍ରାମାଂଚଳର ଆଦିବାସୀ ହରିଜନ ଓ ଗରିବ ଲୋକଙ୍କ ହକ୍‌ପାଇଁ ଲଢୁଥିଲେ । ସେ ଜଣେ ମିଷ୍ଟଭାଷୀ, ସଂଗଠନ ପ୍ରେମ, ପରପୋକାରୀ ବ୍ୟକ୍ତି ଥିଲେ । ଦୁଇବର୍ଷ ପୂର୍ବରୁ ତାଙ୍କ ସ୍ୱାମୀ ରମାକାନ୍ତ ସିଟଙ୍କର ମୃତ୍ୟୁ ଘଟିଥିଲା । ତାଙ୍କ ବିୟୋଗରେ ଦିଲ୍ଲିପ ଗିରି, ଶିଶିର ହୁଇ, ବସନ୍ତ ଦାସ, ରବିନ୍ଦ୍ର ବାରିକ, ନିଖିଳ ଜେନା, ହାରାଧନ ଦାସ, ସୁଦର୍ଶନ ମହାନ୍ତି, ଅଜିସ୍ ସେଠୀ, ରାଧାଶ୍ୟାମ ଦାସ, ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ସରପଂଚ ରାଜେଶ ଜେନା, ପୂର୍ବତନ ସୁଦାମ ପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । ଗାଁ ଶ୍ମଶାନରେ ପୁଅ ନରୋତ୍ତମ, ଉତ୍ତମ ଓ ପୁରୁଷୋତ୍ତମ ମୁଖାଗ୍ନି ଦେଇଥିଲେ ।

# ସମାଜସେବୀ ତଥା ପରିବେଶବିତ୍ ସୁମନ୍ତ କୁମାର ଜେନାଙ୍କୁ ସମ୍ବର୍ଦ୍ଧନା



ବସ୍ତା/ଲଙ୍ଗଳେଶ୍ୱର, ୨୪/୦୭ (ନି.ପ୍ର):ଭୁବନେଶ୍ୱରରେ ସମ୍ମାନିତ ହେଲେ ବାଲେଶ୍ୱରର ପ୍ରତିଭା । ଭୁବନେଶ୍ୱରରେ ହୋଟେଲ ମେ ଫେୟାର୍ ରେ ଅୟୋଜିତ ସର୍ବଭାରତୀୟ ଲଘୁ ଏବଂ ମଧ୍ୟମ ସମ୍ବାଦପତ୍ର ଫେଡେରେସନ ଜାତୀୟ କନକ୍ଲେଭ-୨୦୨୩' ଅବସରରେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ କୁଡିଆ ଗ୍ରାମ ପଞ୍ଚାୟତ ପେଗରପଡା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ନାଥ ଜେନା ଓ ବାସନ୍ତୀ ଜେନାଙ୍କ ସୁପୁତ୍ର ତଥା ସମାଜସେବୀ ଓ ପରିବେଶବିତ ସୁମନ୍ତ କୁମାର ଜେନା ପ୍ରତିଭା ସମ୍ମାନରେ ସମ୍ମାନିତ ହୋଇ ବାଲେଶ୍ୱର ଜିଲ୍ଲା ପାଇଁ ଗର୍ବ ଆଣି ଦେଇଛନ୍ତି । ଉକ୍ତ ସଭାରେ ଛତିଶଗଡର ରାଜ୍ୟପାଳ ମହାମହିମ ବିଶ୍ୱଭୂଷଣ ହରିଚନ୍ଦନ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ଫେଡେରେସନର ଅଧ୍ୟକ୍ଷ ଗୁରିନ୍ଦର ସିଂ, ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ, ରାଜ୍ୟ ସଭାପତି ସୁଧୀର କୁମାର ପଣ୍ଡା ଶ୍ରୀଯୁକ୍ତ ଜେନାଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସୁମନ୍ତ କୁମାର ଜେନା ବହୁ ସଫଳ ପ୍ରତିଭାର ଅଧିକାରୀ, ଜୀବନ ଆରମ୍ଭରୁ ନିଜ ପିତା ମାତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜର ସବୁ ବର୍ଗର ଲୋକଙ୍କୁ ସେବା ଯୋଗାଇ ସମସ୍ତଙ୍କର ଶ୍ରଦ୍ଧାବାନ ହୋଇପାରିଛନ୍ତି । ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର କରିବା ସହ ନିଜେ ରକ୍ତଦାନ କରିବା, ଅନେକ୍ ବିଦ୍ୟାଳୟ ତଥା ଗାଁରେ ବୃକ୍ଷରୋପଣ ତଥା ପରିବେଶ ସଚେତନତା କାର୍ଯ୍ୟକ୍ରମ, ଗରିବ ଦୁଃଖୀ ଲୋକଙ୍କ ଦୁଖଃ ବୁଝିବା ଇତ୍ୟାଦି କର୍ଯ୍ୟକାରି ମାନବ ସେବା ମାଧବ ସେବା ଉକ୍ତିକୁ ଚରିତାର୍ଥ କରୁଛନ୍ତି, ଶ୍ରୀଯୁକ୍ତ ଜେନାଙ୍କୁ ଏପରି ମର୍ଯ୍ୟାଦାଜନକ ସମ୍ବର୍ଦ୍ଧନା ସୁଦୂର ଭୁବନେଶ୍ୱରରୁ ମିଳିଥିବା ହେତୁ ଅଞ୍ଚଳର ସାହିତ୍ୟିକ, ସାମ୍ବାଦିକ, ସମାଜସେବୀ, ଶିକ୍ଷାବିତ ତଥା ବୁଦ୍ଧିଜୀବୀ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି ।

# ବ୍ରାହ୍ମଣ ମହାସଭା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା




ବାରିପଦା, ୨୪/୦୭ (ନି.ପ୍ର): ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭା, ମୟୁରଭଞ୍ଜ ଶାଖା ଆନୁକୂଲ୍ୟରେ ସ୍ୱର୍ଗତ ନରହରି ପାଣିଗ୍ରାହୀଙ୍କ ଉଦେଶ୍ୟ ରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ମହାସଭାର ସ୍ଥାଇ ସଭାପତି ଡାକ୍ତର ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ମହାରାଣୀ ଲକ୍ଷ୍ମୀକୁମାରୀ ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି, ଉକ୍ତ ସଭାରେ ଗୀତା ବାଣୀ ପ୍ରଚାର ସଙ୍ଘର ସଭାପତି ଡାକ୍ତର ପାର୍ଥ ସାରଥୀ ଜେନା ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ ସମ୍ମାନୀତ ଅତିଥି ଏବଂ ମହାସଭା ର ସାଧାରଣ ସମ୍ପାଦକ ତଥା ସାହିତ୍ୟିକ ଭାଗବତ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସ୍ୱର୍ଗତ ନରହରି ପାଣିଗ୍ରାହୀଙ୍କ ଜୀବନ ଧାରା, କାର୍ଯ୍ୟ ଶୈଳୀ ତଥା ତାଙ୍କ ବ୍ୟାକିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୁରେଶ କୁମାର ପାଣିଗ୍ରାହୀ, ଦଳଗୋବିନ୍ଦ ଦାଶ, ଅକ୍ଷୟ କୁମାର ଦାଶ, କବି ବିଷ୍ଣୁ ଶତପଥି, ଛୋଟେଲାଲ ମହାନ୍ତ, ସୁଧୀର ମହାନ୍ତି, ଅଚ୍ୟୁତ ପ୍ରସାଦ ମହାପାତ୍ର, ସନ୍ଧ୍ୟାରାଣୀ ପଣ୍ଡା, ଅଲିକୃଷ୍ଣ ପାଣିଗ୍ରାହୀ, ଅଜିତ ପାଣିଗ୍ରାହୀ, ଭଗବତୀ ଦାଶ, ରିକା ପଣ୍ଡା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରିଶେଷରେ ଆଡ଼ଭୋକେଟ ନରୋତ୍ତମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବୋଲବୋମ ଶବ୍ଦରେ ପ୍ରକମ୍ପିତ ହେଲା ପଞ୍ଚଲିଙ୍ଗେଶ୍ୱର ପୀଠ

ନୀଳଗିରି, ୨୪/୦୭ (ନି.ପ୍ର):ଶ୍ରାବଣ ସୋମବାର ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ଓମ୍ ନମଃ ଶିବାୟ, ବୋଲ ବୋମ ହରହର ବୋମ୍ ମନ୍ତ୍ର ଉଚ୍ଚାରଣ କରି ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ମସ୍ତକରେ ଜଳାଭିଷେକ କରୁଥିବା ଦେଖିବାକୁ ମିଳିଛି । ହିନ୍ଦୁଧର୍ମରେ ଶ୍ରାବଣ ମାସରେ ମହାଦେବ ଶିବଙ୍କୁ ଜଳାଭିଷେକ କଲେ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ତେଣୁ ଭକ୍ତମାନେ ବିଭିନ୍ନ ନଦୀରୁ ପାଣି ଆଣି ବହୁ କଷ୍ଟ ସ୍ୱୀକାର କରି ବିଭିନ୍ନ ଶିବ ମନ୍ଦିରରେ ପହଞ୍ଚି ପାଣିଲାଗି କରିଥାନ୍ତି । ତେବେ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ନୀଳଗିରି ପୋଲିସ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ବିଭିନ୍ନ ସ୍ଥାନରେ ମୁତୟନ ଥିବା ଦେଖିବାକୁ ମିଳିଛି । ଗତକାଲି ବିଭିନ୍ନ ସଂଗଠନ ପକ୍ଷରୁ କାଉଡ଼ିଆ ମାନଙ୍କ ପାଇଁ ସ୍ଥାନେ ସ୍ଥାନେ ଷ୍ଟଲ ଖୋଲାଯାଇ ପ୍ରସାଦ ବଣ୍ଟନ କରାଯାଉଥିବା ଏବଂ ଭକ୍ତଙ୍କ ପାଦରେ ତେଲ ମାଲିସ କରିବା ଦେଖିବାକୁ ମିଳିଛି ।

# ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର ବୃକ୍ଷରୋପଣ ଓ ବକ୍ତୃତା ପ୍ରତିଯୋଗିତା




ବାଲେଶ୍ୱର, ୨୪/୦୭ (ନି.ପ୍ର): ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱର ତରଫରୁ ସଦର ବ୍ଲକ୍ ଆକିନିଆଁ ସ୍ଥିତ ଆନନ୍ଦମାର୍ଗ ଆବାସିକ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି, ପଣସ, ଲେମ୍ବୁ, କୋଳି, ଜାମରୁଳ ଭଳି ମୂଲ୍ୟବାନ ଫଳଚାରା ରୋପଣ କରାଯାଇଛି । ପରିବେଶ ସଚେତନତା ଉଦ୍ଦେଶ୍ୟରେ 'ଗଛ କାହିଁକି ଲଗାଇବା' ଶୀର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ସହିତ ବୃକ୍ଷ ସମ୍ପର୍କୀୟ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ୬ଜଣ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତା ବୈଠକରେ ସଂଘର ବରିଷ୍ଠ ସଭ୍ୟା ଶ୍ରୀମତୀ ବାସନ୍ତୀ ପଣ୍ଡା ଅଧ୍ୟକ୍ଷତା କରିଥିଲେ । ଉପଦେଷ୍ଟା ଜ୍ଞାନେନ୍ଦ୍ରନାଥ ସାହୁ, ସାବିତ୍ରୀ ଦାସ, ମୀନା ସେଠୀ, ବିଚାରକ ମଣ୍ଡଳୀ ଭାବେ କୃତି ଛାତ୍ରଛାତ୍ରୀ ଚୟନ କରିଥିଲେ । ସଂଘର ସଭାପତି ଇଂ. ବନମାଳୀ ନାୟକ ସଂଘର ଆଭିମୁଖ୍ୟ ତଥା ସମସ୍ତ କାର୍ଯ୍ୟକ୍ରମ ବିଷୟରେ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ଉପଦେଷ୍ଟା ଶ୍ରୀ ଧୀରେନ୍ଦ୍ର ନାରାୟଣ ଦାସ, ଶ୍ରୀ ଶତ୍ରୁଘ୍ନ ପଣ୍ଡା ଛାତ୍ରଛାତ୍ରୀମାନଙ୍କୁ ଉପଦେଶାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ । ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଉପଦେଷ୍ଟା ଶ୍ରୀ ଧୀରେନ୍ଦ୍ର ନାରାୟଣ ଦାସ ଆନୁଷ୍ଠାନିକ ଭାବେ ଚାରାରୋପଣ କରି ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡା. ତାରାକାନ୍ତ ନନ୍ଦ, ଇଂ. ଶ୍ରୀରାମପ୍ରସାଦ ଦାଶ, ଇଂ. କେଶବ ଚନ୍ଦ୍ର ମାହାନ୍ତି, ସେକ ଆଲ୍ଲାଉଦ୍ଦିନ୍, ରମେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବକ୍ତୃତା ପ୍ରତିଯୋଗିତାରେ ଦେବଲୀନା ମହାପାତ୍ର, ହରିପ୍ରିୟା ମାହାନ୍ତି, ଦୀପ୍ତିଲତା ଭୂୟାଁ ୧ମ, ୨ୟ, ୩ୟ ହୋଇଥିବାବେଳେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଲକ୍ଷ୍ମୀଧର ସିଂ, ପ୍ରଶାନ୍ତ ବେହେରା, ବିମଳ ଭୂୟାଁ, ୧ମ, ୨ୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଶ୍ରୀ ପରିକ୍ଷୀତ ବେହେରା, ପୁଷ୍ପାରାଣୀ ଭୂୟାଁ, ବୀଣାପାଣି ଜେନା, ନମିତା ପ୍ରଧାନ, ସୁନିତା ବେହେରା, ଧରିତ୍ରୀ ବିଶ୍ୱାଳ, ସୁପ୍ରଭା ଜେନା, ସାବିତ୍ରୀ ଜେନା, ସସ୍ମିତା ଜେନା, ମମତା ତପସ୍ୱୀ, ଅର୍ଚ୍ଚନା ତପସ୍ୱୀ, ସଂଯୁକ୍ତା ଜେନା, ପ୍ରତିଭା ନାୟକ, ହରିପ୍ରିୟା ଜେନା ପ୍ରମୁଖ ସହଯୋଗ କରିଥିଲେ ।

# କେନାଲରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା, ୨୪/୦୭ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ମୁକ୍ତାଦେଇପୁର ଗ୍ରାମ ନିକଟସ୍ଥ ଶାଳିଆ କେନାଲରେ ସୋମବାର ଏକ ଅଜଣା ବ୍ୟକ୍ତିଙ୍କ ମୃତ ଶରୀର ଭାସୁଥିବାର ଦେଖିବାକୁ ମିଳିଛି । ମୃତକଙ୍କ ଶବ ଭାସୁଥିବାର ଗ୍ରାମବାସୀ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗ ଓ ପୋଲିସ ଘଟଣାସ୍ଥଳରେ ପହଂଚି କେନାଲରୁ ଯୁବକଙ୍କ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛି । ତେବେ ମୃତକ ଜଣକ କିଏ ଏବଂ କ'ଣ ପାଇଁ କେନାଲରେ ତାଙ୍କ ଶବ ଭାସୁଛି ତାହା ସ୍ପଷ୍ଟ ଜଣାପଡ଼ିନାହିଁ ।

# ୧୦ ଲକ୍ଷ ଟଙ୍କାର ଗଞ୍ଜେଇ ବୋଝେଇ ୫ଟି ମୋଟର ସାଇକେଲ ଜବତ : ୫ ଗିରଫ

ଜୟପୁର, ୨୪/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ପାତ୍ରପୁଟ ଅଂଚଳରୁ ଗଞ୍ଜେଇ କିଣି ୫ଟି ମୋଟର ସାଇକେଲ ଯୋଗେ ମାଛକୁଣ୍ଡ ଦେଇ ଜୟପୁର ଚୋରା ଚାଲାଣ କରୁଥିଲେ୧୦ ଜଣ ଯୁବକ । କୌଣସି ସୂତ୍ରରୁ ଖବର ପାଇ ମାଛକୁଣ୍ଡ ପୋଲିସ ଅନକାଡ଼େଲି ଗ୍ରାମରେ ଜଗି ରହିଥିଲା । ଦ୍ରୁତ ଗତିରେ ଆସୁଥିବା ୫ଟି ମୋଟର ସାଇକେଲକୁ ଅଟକାଇଥିଲା ପୋଲିସ । କିନ୍ତୁ, ଅନ୍ଧାରର ସୁଯୋଗ ନେଇ ୫ ଜଣ ଅଭିଯୁକ୍ତ ଫେରାର ହୋଇ ଯାଇଥିବା ବେଳେ ୫ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା ପୋଲିସ । ମୋଟର ସାଇକେଲରେ ୫ଟି ବସ୍ତାରେ ୧୧୭ କେଜି ଗଞ୍ଜେଇ ଜବତ କରିଛି ପୋଲିସ । ଯାହାର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo